EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

www.ekamaatra.com
ekamaatra@gmail.com
advt@ekamaatra.com
editor@ekamaatra.com
ekamaatraodia
ekamaatranews

ବର୍ଷ-୧ ସଂଖ୍ୟା-୫୧ ୦୧ - ୦୭ ଜାନୁଆରୀ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-1 ISSUE-51 01st - 07th JANUARY, 2018 BHUBANESWAR ₹ 5/- (8 Pages)




**ନୂଆବର୍ଷ ଅଭିନନ୍ଦନ**

୨୦୧୮ ଇଂରାଜୀ ନୂଆବର୍ଷ ଅବସରରେ ପାଠକପାଠିକା, ଲେଖକଲେଖିକା, ଖବରଦାତା ଓ ଶୁଭେଚ୍ଛୁମାନଙ୍କୁ 'ଏକମାତ୍ର' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

## ହୃଦୟହୀନ ନ ହେଉ ମଣିଷ

ସମ୍ପ୍ରତି ସାରା ବିଶ୍ୱରେ ମଣିଷ ବିକଳ୍ପ ସନ୍ଧାନରେ ଲାଗି ପଡିଛି। ଏହାରି ଭିତରେ ଚନ୍ଦ୍ରପୃଷ୍ଠ ଓ ମଙ୍ଗଳ ଗ୍ରହରେ ଘର କରି ରହିବାର ଦୁର୍ବାର କାମନା ସେମାନଙ୍କୁ ମହାକାଶମୁଖୀ କରିଦେଇଛି। ଯେଉଁଥିପାଇଁ ପ୍ରତି ମୁହୂର୍ତ୍ତରେ ଗବେଷଣା ଚାଲିଛି ଏବଂ ନୂଆ ନୂଆ ତଥ୍ୟ ଲୋକଲୋଚନକୁ ଆସୁଛି। ବିକାଶଶୀଳ ଓ ବିକଶିତ ରାଷ୍ଟ୍ରମାନଙ୍କ ମଧ୍ୟରେ ବିକାଶ ପାଇଁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା ବେଳେ ମାନବିକତାର ମୃତ୍ୟୁ ହୋଇଚାଲିଛି। ପରୀକ୍ଷା ନିରୀକ୍ଷା ମଧ୍ୟରେ ଉଚ୍ଚତର ସୋପାନରେ ପହଞ୍ଚିବାକୁ ଦେଶ ଦେଶ ଓ ଜାତି ଜାତି ମଧ୍ୟରେ ନୂତନ କୌଶଳ ଅବଲମ୍ବନ କରାଯାଉଛି। ହେଲେ ବିକାଶ ଜନିତ ପରିବେଶ ଧ୍ୱଂସ ପାଇଁ କେହି ବିଶେଷ ଚିନ୍ତା କରୁନଥିବା ଜଣାପଡିଛି। ପ୍ରାକୃତିକ ସମ୍ପଦର ଅବିଚାରିତ ବିନିଯୋଗ ଯୋଗୁ ଜଳବାୟୁ ପରିବର୍ତ୍ତନ ଫଳରେ ପ୍ରକୃତି ଏବେ ଘୋର ସଙ୍କଟରେ ଗତି କରୁଛି। ଯେଉଁଥିପାଇଁ ୧୨ମାସର ଷଡଋତୁକୁ ପୂର୍ବଭଳି ଅନୁଭବ କରିପାରୁନାହିଁ ମଣିଷ। ପ୍ରଦୂଷଣ ଯୋଗୁ ତାପମାତ୍ରା ନିୟନ୍ତ୍ରଣ ହରାଇବା ସହିତ ଭୟଙ୍କର ଉଷ୍ମତା ବୃଦ୍ଧି ପାଉଛି। ଏଥିଯୋଗୁଁ ଦକ୍ଷିଣମେରୁର ଆଣ୍ଟାର୍କଟିକାରେ ବରଫ ପାହାଡ ତରଳିବା ଫଳରେ ସମୁଦ୍ରର ଜଳପତନ ଦିନକୁ ଦିନ ବୃଦ୍ଧି ପାଉଛି। କେତେକ ସ୍ଥଳେ ଏହା କୂଳ ଲଙ୍ଘି ଭୟଙ୍କର ବିପର୍ଯ୍ୟୟ ସୃଷ୍ଟି କରିବା ଭଳି ଅବସ୍ଥା ଦେଖାଦେଇଛି। ଏଭଳି ପରିସ୍ଥିତିରେ ପ୍ରଦୂଷଣ ଜନିତ ସମସ୍ୟାକୁ ନିୟନ୍ତ୍ରଣ କରିବା ବର୍ତ୍ତମାନ ପାଇଁ ବଡ ଆହ୍ୱାନ। ହେଲେ ଏସବୁ ମଧ୍ୟରେ ଅନ୍ୟଏକ ଭୟଙ୍କର ବିପଦ ହେଉଛି ଆତଙ୍କବାଦ। ଆତଙ୍କବାଦର ମୁକାବିଲା କରାଯାଇ ନପାରିଲେ ଏହା ସଭ୍ୟତା ପ୍ରତି ଘୋର ସଙ୍କଟ ସୃଷ୍ଟି କରିବ। ରକ୍ତପାତର ବିଭୀଷିକା ମଧ୍ୟରେ ମଣିଷ ସମାଜକୁ କେବେବି ଶାନ୍ତି ମିଳିପାରିବ ନାହିଁ। ଆତଙ୍କବାଦ ବଢ଼ି ଚାଲିଲେ ସମାଜରେ ଭୟର ବାତାବରଣ ଦେଖାଦେବ। ଯାହାକି ଆଗକୁ ପାଦ ବଢ଼ଉଥିବା ବିଶ୍ୱ ପାଇଁ ଦୁର୍ଦ୍ଦିନର ପାଚେରୀ ଠିଆ କରିବ। କାରଣ ଆତଙ୍କବାଦ ଏଭଳି ଏକ ବର୍ବରକାଣ୍ଡ ଯାହା ଜୀବନ ଦେବା ବଦଳରେ ମଣିଷକୁ ମୃତ୍ୟୁ ଦେଇଥାଏ। ଏହାର ମୁକାବିଲା କରିବା ପାଇଁ ବିଶ୍ୱ ସମୁଦାୟ ଏକ ନହେଲେ ଭାରତ ଭଳି ଗୋଟିଏ ଦେଶ ଏ କ୍ଷେତ୍ରରେ ଏକୁଟିଆ ଲଢ଼ି ଏଥିରେ ଜିତିବା ଅସମ୍ଭବ ମନେହୁଏ। ତେଣୁ ପ୍ରଦୂଷଣ ଭୟ ଭଳି ଆତଙ୍କବାଦ ଭୟର ମୁକାବିଲା ପାଇଁ ସାରା ବିଶ୍ୱ ଏକ ହେବା ଦରକାର। ଆତଙ୍କବାଦ ରହିଲେ ସବୁଠାରେ ବିକାଶ ଅଧାପନ୍ତରିଆ ହେବା ସହିତ ସମ୍ପୃକ୍ତ ଦେଶର ଅର୍ଥନୀତି ଉପରେ ଏହାର ପ୍ରଭାବ ପଡିବ। ଯାହାକୁ ନେଇ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇବା ସହିତ ବିଶ୍ୱାସ ନଷ୍ଟ ହୋଇଯିବ। ଯେକୌଣସି ସମସ୍ୟାର ସମାଧାନ ପାରସ୍ପରିକ ବୁଝାମଣା ବଦଳରେ ହେବା ଉଚିତ। ତେଣୁ ଦେଶ ଦେଶ ମଧ୍ୟରେ ଦେଖା ଦେଇଥିବା ଅସନ୍ତୋଷ କ୍ଷେତ୍ରରେ ସମନ୍ୱୟ ଆବଶ୍ୟକ। ଉତ୍ତମ ସମନ୍ୱୟ ଫଳରେ ଜାତିର ବିକାଶ ହେବା ସହିତ ଦେଶର ଉନ୍ନତି ହୋଇଥାଏ। ବିଜ୍ଞାନର ଚରମ ବିକାଶ ହୋଇଥିଲା ବେଳେ ମଣିଷ ସୁସ୍ଥ ସମାଜ ଗଠନରେ ଭାର ଗ୍ରହଣ ନକଲେ ସାମାଜିକ ବିଶୃଙ୍ଖଳା ବଢ଼ି ଚାଲିବ। ପରିଣାମ ସ୍ୱରୂପ ମଣିଷ ମଣିଷ ଭିତରେ ଦୂରତା ବଢ଼ି ଚାଲିବ ଏବଂ ଅବିଶ୍ୱାସର ନିଆଁ ଓ ଶାନ୍ତିର କୁଟୀରକୁ ଜାଳିପୋଡି ଧୂଳିସାତ୍ କରିଦେବ। ହିଂସା, କ୍ରୋଧରୁ ଦୂରେଇ ଯାଇ ମଣିଷ ଅନ୍ୟର ମଙ୍ଗଳ ଚିନ୍ତା କରିପାରିଲେ ନିଜର ମଙ୍ଗଳ ହୋଇପାରିବ। ପଡୋଶୀକୁ ଯନ୍ତ୍ରଣା ଦେଇ ଆନନ୍ଦର ହସ ହସିଲେ ଏହି ହସ କ୍ଷଣସ୍ଥାୟୀ ହୋଇଥାଏ। ଯେତେବେଳେ ଉଭୟଙ୍କ ମଧ୍ୟରେ ସୁ ସମ୍ପର୍କ ସ୍ଥାପନ ହୁଏ ସେତେବେଳେ ଉଭୟଙ୍କ ଓଠରେ ଦେଖାଯାଉଥିବା ହସ ସମାଜର ହୀତସାଧନ କରିଥାଏ। ତେଣୁ ବିଶୃଙ୍ଖଳା ବା ହିଂସାକୁ ଜୀବନର ଅସ୍ତ୍ର ଭାବେ ବ୍ୟବହାର କରୁଥିବା ମଣିଷ କେବେବି କୌଣସି ପରିସ୍ଥିତିରେ ଶାନ୍ତିରେ ରହିପାରିବନାହିଁ। ଆଜିକାଲି ଦେଖାଯାଉଛି ଯେ ଅନ୍ୟର ମଙ୍ଗଳ ଚିନ୍ତା କରିବା ବଦଳରେ ସମସ୍ତେ ପରସ୍ପରର ଦୋଷ ଦୁର୍ବଳତାକୁ ଖୋଜି ବାହାର କରୁଛନ୍ତି। କିନ୍ତୁ ମଣିଷ ନିଜେ ଭଲରେ ରହିବାକୁ ହେଲେ ଅନ୍ୟ ପ୍ରତି ନିଜର ସ୍ନେହ, ପ୍ରେମ ଓ ଆଦର ବଢ଼ାଇବା ଦରକାର। ଜାଣି ରଖିବା ଉଚିତ୍ ଯେ ହିଂସା, ଦ୍ୱେଷ ବା ଦ୍ୱନ୍ଦ୍ୱ କୌଣସି ସମସ୍ୟାର ସମାଧାନ କରିପାରିବ ନାହିଁ। ତେଣୁ ବିକାଶ ଆଳରେ ବିନାଶର ମଞ୍ଜି ବୁଣୁଥିବା ମଣିଷ କେଉଁ ଫସଲ ଅମଳ କରିବା ଆଶାରେ ରୁହେ ତାହା ସର୍ବଦା ଅସ୍ପଷ୍ଟ ହୋଇରହିଆସିଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ଶିଳ୍ପ ପ୍ରଗତି ସହିତ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଯେତିକି ପଦକ୍ଷେପ ନିଆଯିବା କଥା ତାହା ହୋଇ ନପାରିଲେ ଦିନେ ନା ଦିନେ ମଣିଷ ସମାଜର ବିଲୟ ଘଟିବ। କାରଣ ଦିନକୁ ଦିନ ପରିବେଶ ପ୍ରଦୂଷଣ ଏଭଳି ଭାବେ ବଢ଼ିଚାଲିଛି ଯେ ଶୁଦ୍ଧ ଅମ୍ଳଜାନ ଟିକେ ନିଃଶ୍ୱାସ ନେବା ପାଇଁ ମଧ୍ୟ କଷ୍ଟକର ହୋଇପଡିଛି। କୃତ୍ରିମ ପରିବେଶ ଓ ଭେଜାଲ ଖାଦ୍ୟ ଆଜି ମଣିଷକୁ ମଣିଷ ପଣିଆ ନିକଟରୁ ଦୂରେଇ ଦେଉଥିବା ଅନୁଭବ ହୁଏ। ଦେଖାଯାଏ ପରିବାର ଭିତରେ ପୂର୍ବଭଳି ଆଉ ଶାନ୍ତି ନାହିଁ। ସମସ୍ତେ ବସ୍ତୁବାଦ ଚିନ୍ତାରେ ଏଭଳି କବଳିତ ଅନ୍ୟର ଭଲମନ୍ଦ ପ୍ରତି ବିଚାର କରୁନାହିଁ। ଯେଉଁଥିପାଇଁ ସବୁଠି କଳହ ଲାଗି ରହୁଛି। ଅତ୍ୟଧିକ ସୁଖରେ ରହିବାର ସ୍ୱପ୍ନ ଦେଖୁଥିବା ମଣିଷ ଚିନ୍ତା କରୁଥିବା ଉଚିତ। ପ୍ରାକୃତିକ ପ୍ରାଚୁର୍ଯ୍ୟରେ ଭରପୂର ବିଶ୍ୱ ଈର୍ଷା ଓ ଘୃଣା ଅପେକ୍ଷା ପ୍ରେମ ଓ ଶାନ୍ତି ଚାହେଁ। ଏଣୁ ପ୍ରତ୍ୟେକ ମଣିଷ ଅନ୍ୟ ପ୍ରତି ଉଦାର ହେବା ସହିତ ସମ୍ପର୍କକୁ ଅଧିକ ନିବିଡି କରିପାରିଲେ ମନ ଭିତରେ ଥିବା ଦ୍ୱନ୍ଦ୍ୱ ଅନାୟାସରେ ଦୂର ହେବା ସହିତ ସମାଜର ହିତସାଧନ ହୁଏ। ନବବର୍ଷର ଶୁଭ ଦିନରେ ସମସ୍ତେ ସୁଖ ଶାନ୍ତିରେ ରହନ୍ତୁ ଏହାହିଁ କଳାଠାକୁରଙ୍କ ନିକଟରେ ପ୍ରାର୍ଥନା।

(signature)

## ଓଡ଼ିଶାବାସୀ ମୋର ପରିବାର : ନବୀନ



**ପୁରୀ/ଭୁବନେଶ୍ୱର :** ରାଜ୍ୟବାସୀଙ୍କ ସେବାରେ ମୁଁ ସବୁବେଳେ ସମର୍ପିତ। ଓଡ଼ିଶାବାସୀ ମୋର ପରିବାର। ଜଣେ ଓଡ଼ିଆ ଭାବରେ ମୁଁ ଗର୍ବିତ। ଆସନ୍ତୁ ସଂକଳ୍ପ କରି ଆମର ପ୍ରିୟ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବା ଓ ବିଶ୍ୱ ଇତିହାସରେ ଓଡ଼ିଶା ପାଇଁ ସ୍ଥାନ ଗଢ଼ିବା ବୋଲି ବିଜୁ ଜନତା ଦଳ ମାନ୍ୟବର ସଭାପତି ନବୀନ ପଟ୍ଟନାୟକ ଦଳର ୨୦ତମ ପୂର୍ତ୍ତି ଉପଲକ୍ଷେ ପୁରୀର ତାଳବଣିଆ ଠାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ଅଭିଭାଷଣ ଦେଇ ଏହା କହିଛନ୍ତି। ରାଜ୍ୟ ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଧାମକୁ ମୁଁ ଆପଣମାନଙ୍କୁ ସ୍ୱାଗତ କରୁଛି। ରାଜନୀତି ନୁହେଁ, ମୋର ପରିବାରକୁ ହୃଦୟର କଥା କହିଥିଲେ ନବୀନ। ଗତ ୨୦ବର୍ଷ ଭିତରେ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି ବିଜେଡି। ମହାପ୍ରଭୁଙ୍କ ଆଶୀର୍ବାଦ, ଓଡ଼ିଶାବାସୀଙ୍କ ସହଯୋଗ ଓ ଆଦର ଏବଂ ଦଳର ଲକ୍ଷ ଲକ୍ଷ କର୍ମୀମାନଙ୍କର ପରିଶ୍ରମ ଯୋଗୁ ବିଜୁ ଜନତା ଦଳ ଓଡ଼ିଶା ମା'ର ସେବା କରିଚାଲିଛି। ଏହି ସୁଯୋଗ ଦେଇଥିବାରୁ ଓଡ଼ିଶାବାସୀଙ୍କ ନିକଟରେ ଋଣୀ ବୋଲି ସେ କହିଥିଲେ। ଓଡ଼ିଶା ତ୍ୟାଗର ଭୂମି। ସେବାର ଭୂମି। କର୍ମ ଭୂମି। ଉତ୍କଳମଣି ଗୋପବନ୍ଧୁ ଓ ଉତ୍କଳ ଗୌରବ ମଧୁସୂଦନଙ୍କର ଆଦର୍ଶ ଥିଲା ତ୍ୟାଗ, ସେବା ଓ ସ୍ୱାଭିମାନ। ସେମାନେ ଆମ ପାଇଁ ସବୁବେଳେ ପ୍ରେରଣା ହୋଇ ରହିଛନ୍ତି ଓ ରହିଥିବେ। ଆମର ପ୍ରିୟ ନେତା ବିଜୁବାବୁଙ୍କ ସଂପର୍କରେ ଆପଣମାନେ ଭଲ ଭାବରେ ଜାଣନ୍ତି। ତାଙ୍କର ଦରଦୀ ମନୋଭାବ ମୋତେ ସବୁଠାରୁ ବେଶୀ ଭଲ ଲାଗେ। ବିଜୁବାବୁ ଥିଲେ ଗରିବ ଲୋକଙ୍କର ବନ୍ଧୁ। ତାଙ୍କ ପାଖରୁ କେହି କେବେ ଖାଲି ହାତରେ ଫେରୁନଥିଲେ। ➤ ପୃ-୬

### ଖଣି ଖନନ ଅନୁମତି ଉଲ୍ଲଘଂନ ମାମଲା

## ୨୨ ପର୍ଯ୍ୟନ୍ତ ଆଶ୍ୱସ୍ତି

**ଭୁବନେଶ୍ୱର :** ଆଇବିଏମ୍ ଦ୍ୱାରା ନିର୍ଦ୍ଧାରିତ 'ମାଇନିଂ ପ୍ଲାନ୍' ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର 'କନ୍‌ସେଣ୍ଟ୍ ଟୁ ଅପରେଟ୍'କୁ ଉଲ୍ଲଘଂନ କରିଥିବା ଖଣି କମ୍ପାନୀଗୁଡ଼ିକୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଆଶ୍ୱସ୍ତି ମିଳିଛି। ମାଇନିଂ ପ୍ଲାନ୍ ଓ କନ୍‌ସେଣ୍ଟ୍ ଟୁ ଅପରେଟ୍ ସର୍ତ୍ତାବଳୀକୁ ଉଲ୍ଲଘଂନ କରିଥିବା ଯୋଗୁ ରାଜ୍ୟ ସରକାର ବିଭିନ୍ନ ଖଣି କମ୍ପାନୀକୁ ପ୍ରାୟ ୩୭୦୦କୋଟି ଟଙ୍କାର ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ବୋଲି ଜଣାପଡ଼ିଛି। ତେବେ ଏହି ଆଶ୍ୱସ୍ତି ସହ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅଗଷ୍ଟ ୨ ଓ ଡିସେମ୍ବର ୧୩ତାରିଖରେ ଖଣି କମ୍ପାନୀଠାରୁ ୧୭,୫୭୬ କୋଟି ଟଙ୍କା ଜୋରିମାନା ଆଦାୟର କୌଣସି ସମ୍ପର୍କ ନଥିବା ରାଜ୍ୟ ସରକାରଙ୍କ ସୂତ୍ରରୁ ସୂଚନା ମିଳିଛି। ➤ ପୃ-୬

## ତିନି ତଲାକ୍ ବିଲ୍ ପାସ୍



**ନୂଆଦିଲ୍ଲୀ/ ଭୁବନେଶ୍ୱର :** ଲୋକସଭାରେ ବହୁଚର୍ଚ୍ଚିତ ମୁସ୍‌ଲିମ୍ ମହିଳା (ବିବାହ ସୁରକ୍ଷା ଅଧିକାର) ବିଲ୍ ଧ୍ୱନିମତରେ ପାରିତ ହୋଇଯାଇଛି। ତେବେ ବିରୋଧୀ ଦଳ ପକ୍ଷରୁ ଏଥିପାଇଁ ଆସିଥିବା ଏକାଧିକ ସଂଶୋଧନ ପ୍ରସ୍ତାବ କାଟ୍ ଖାଇଛି। ଆଲୋଚନା ବେଳେ ବିଜୁ ଜନତା ଦଳ, ଏଆଇଏମ୍ଆଇଏମ୍ ଓ ଇଣ୍ଡିଆନ୍ ୟୁନିୟନ ମୁସ୍‌ଲିମ୍ ଲିଗ୍ କକ୍ଷତ୍ୟାଗ କରିଥିଲେ। ଏହି ବିଲ୍‌ରେ ମୁସ୍‌ଲିମ୍ ମହିଳାଙ୍କୁ ଛାଡ଼ପତ୍ର ସମ୍ପର୍କିତ ତତ୍କାଳ ତିନି ତଲାକ୍ (ତଲାକ୍-ଇ-ବିଦତ୍)କୁ ବେଆଇନ କରି ସ୍ୱାମୀଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଦେବାର ବ୍ୟବସ୍ଥା ଅଛି। ଏହି ଐତିହାସିକ ବିଲ୍‌କୁ ଅନୁମୋଦନ ପାଇ ରାଜ୍ୟସଭାକୁ ପଠାଯିବ। ଏହି ବିଲ୍ ଆଗତ କରି ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ ଯେ ଏହା କୌଣସି ଧର୍ମ ବା ସମ୍ପ୍ରଦାୟର କଥା ନୁହେଁ। ଏହା ସିୟାସତ୍ (ରାଜନୀତି) ନୁହେଁ, ଇନ୍‌ସାନିୟତ୍ (ମାନବିକତା)। ମହିଳାଙ୍କ ପ୍ରତି ସମ୍ମାନ ଓ ➤ ପୃ-୬



सत्यमेव जयते

## ବାର୍ତ୍ତା

ନବବର୍ଷ-୨୦୧୮ ଆଗମନରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି। ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା। ରାଜ୍ୟକୁ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି।

(signature)

**(ଏସ୍.ସି.ଜମିର୍)**

## ପ୍ରତି ମାସରେ ବଢ଼ିବନି ଏଲ୍‌ପିଜି ଦର

**ନୂଆଦିଲ୍ଲୀ :** ପ୍ରତି ମାସରେ ଏଲ୍‌ପିଜି (ରନ୍ଧନ ଗ୍ୟାସ୍) ଦର ସିଲିଣ୍ଡର ପିଛା ୪ ଟଙ୍କା ବୃଦ୍ଧି କରିବା ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ଅକ୍ଟୋବର ମାସରୁ ପ୍ରତ୍ୟାହାର କରିଛନ୍ତି। ପ୍ରତି ମାସରେ ଦର ବୃଦ୍ଧି ଉଜ୍ଜ୍ୱଳା ଯୋଜନାରେ ଗରିବ ପରିବାରକୁ ମାଗଣାରେ ଏଲ୍‌ପିଜି ଯୋଗାଣ ନୀତିର ବିରୁଦ୍ଧାଚରଣ କରୁଥିବାରୁ ସରକାର ଏଭଳି ପଦକ୍ଷେପ ନେଇଥିବା ସୂଚନା ଦେଇଛନ୍ତି।

### ମଧ୍ୟାହ୍ନ ଭୋଜନ ଯୋଜନା

## ସ୍କୁଲ କିଣିବ ଅଣ୍ଡା



**ଭୁବନେଶ୍ୱର :** ଏଣିକି ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ମାଗଣା ସ୍କୁଲ ୟୁନିଫର୍ମ ଯୋଗାଇଦେବା ସହିତ ପ୍ରଥମ ଶ୍ରେଣୀ ପିଲାଙ୍କୁ ସ୍କୁଲ ବ୍ୟାଗ୍ ମଧ ଦେବେ। ନିଜସ୍ୱ ଫ୍ଲାଗସିପ୍ ଯୋଜନାରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲର ପିଲାଙ୍କୁ ଏହି ସୁବିଧା ପ୍ରଦାନ କରାଯିବ। ଏଥିପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ୨୬ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏତଦ୍ ବ୍ୟତୀତ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ କେବଳ ଚାଉଳକୁ ବାଦ ଦେଇ ବାକି ସମସ୍ତ ଖାଦ୍ୟସାମଗ୍ରୀ କିଣିବେ ସ୍କୁଲ୍ ପରିଚାଳନା କମିଟି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏବେ ସରକାରୀ ସ୍କୁଲରେ ପଢୁଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀ, ଅନୁସୂଚିତ ଜାତି, ଜନଜାତି ଓ ବିପିଏଲ୍ ବର୍ଗର ପିଲାଙ୍କୁ ରାଜ୍ୟ ସରକାର ସର୍ବଶିକ୍ଷା ଅଭିଯାନ ପାଣ୍ଠିରୁ ୟୁନିଫର୍ମ ଯୋଗାଇ ଦେଉଛନ୍ତି। ➤ ପୃ-୬








ରାୟଗଡ଼ା ଜିଲ୍ଲା ପାଳନ କରିବାକୁ ଯାଉଛି କଳା, ସଂସ୍କୃତି ଓ ପରମ୍ପରାର ଗଣପର୍ବ 'ଚଇତି'। ଗୋବିନ୍ଦ ଚନ୍ଦ୍ର ଦେବ ଖେଳ ପଡିଆରେ ନିର୍ମିତ ମଞ୍ଚ କହିବ ଜିଲ୍ଲାର ମାଟି, ପାଣି, ପବନ ଓ ପାହାଡର କଥା। ଡିସେମ୍ବର ୨୬ ତାରିଖ ଅପରାହ୍ନରେ ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ପୀଠରୁ ଆଜ୍ଞାମାଳ ସହ ଚଇତି କଳସ ଯାତ୍ରା ଓ ମହୋତ୍ସବର ଶୁଭାରମ୍ଭ କରାଯିବ। ମହୋତ୍ସବର ପାଞ୍ଚଟି ସଂଧ୍ୟାରେ ଜିଲ୍ଲାର ଆଦିମ ଲୋକ କଳା ସହ ରାଜ୍ୟ, ଦେଶ ତଥା ବିଦେଶର ପାରମ୍ପରିକ ନୃତ୍ୟ, ଗୀତ ଏବଂ ବାଦ୍ୟଯନ୍ତ୍ରକୁ ଏକାଠି କରିବାର ଏକ ପ୍ରୟାସ ଜିଲ୍ଲା ସଂସ୍କୃତି ପରିଷଦ କରିଛି।

ଏହାସହ ପଲ୍ଲିଶ୍ରୀ ମେଳା ଜରିଆରେ ତମାମ ଦେଶର ହସ୍ତକଳା, ଚିତ୍ରକଳା, କୃଷି ମେଳା ଓ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ସାଙ୍ଗକୁ ପିଲାଙ୍କ ମନୋରଞ୍ଜନ ପାଇଁ ମୀନାବଜାର, ବିଜ୍ଞାନ ମେଳା, ପୁସ୍ତକ ମେଳା ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତର, ରାଜ୍ୟସ୍ତର ଓ ରାଜ୍ୟ ବାହାରର ବିଶିଷ୍ଟ କଳାକାରମାନେ ସେମାନଙ୍କର ଉତ୍କୃଷ୍ଟ କଳା ପ୍ରଦର୍ଶନ କରିବେ।

ସବିନୟ ଅନୁରୋଧ ସହିତ ଆପଣଙ୍କ ସଦୟ ଉପସ୍ଥିତି କାମନା କରେ କି କାର୍ଯ୍ୟକ୍ରମରେ ଯୋଗଦାନ କରି ଆମ୍ଭମାନଙ୍କୁ ଉତ୍ସାହିତ କରିବା ହେବେ।









**ପୃଷ୍ଠା - ଦୁଇ**
କୁଳଭୂଷଣ ପ୍ରସଙ୍ଗ : ସଂସଦରେ ପାକିସ୍ତାନକୁ ଧକ୍କାର
ଉତ୍ତରକୋରିଆର କ୍ଷେପଣାସ୍ତ୍ର ପରୀକ୍ଷା, ଭାରତ ପାଇଁ ବିପଦ!

**ପୃଷ୍ଠା - ତିନି**
ଏଣିକି ତାଲିମ ଦେଇ ପାରିବେନି ଏନ୍‌ଜିଓ
ବୀମାଭୁକ୍ତ ହେବେ ବିପିୟୁଟି ଛାତ୍ରଛାତ୍ରୀ
ସତ୍ୟନଗରରେ ହେବ କୃତ୍ରିମ ହ୍ରଦ

**ପୃଷ୍ଠା - ଚାରି, ପାଞ୍ଚ**
ଅଜିତ ଦାଶ ମହାପାତ୍ର, ଅମରେଶ ବିଶ୍ୱାଳ, ଅକ୍ଷୟ ବେହେରା, ମୌସୁମୀ ଦାସ, ଅମିନୀଲୁ ରାୟ, ପାରମିତା ଷଡଙ୍ଗୀ, ଲିନା ମହାନ୍ତି, ଆଭାସ ବରାଳ ଏବଂ ତାରକ ମହାନ୍ତି

**ପୃଷ୍ଠା - ଛଅ**
କାଠ ମାଫିଆଙ୍କ ପାଇଁ ପଦା ହେଉଛି ଘଞ୍ଚ ଜଙ୍ଗଲ
ଏଣିକି ଅନ୍‌ଲାଇନ୍‌ରେ ମ୍ୟୁଟେସନ
ଜାନୁଆରୀ ପ୍ରଥମ ସପ୍ତାହରେ ମହାନଦୀ ପ୍ରସଙ୍ଗରେ ଆଲୋଚନା

**ପୃଷ୍ଠା - ସାତ**
ସ୍ୱତନ୍ତ୍ର ଉପସ୍ଥାପନା
ବେବିଲୋନ୍‌ରୁ ଭାରତ-ନୂଆବର୍ଷ
ଗୀତାଞ୍ଜଳି ଦାଶ

## କେମିତି କଟିବ ଏ ସପ୍ତାହ

**ମେଷ** — ଚାକିରି କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେଇପାରେ। ବିଦ୍ୟାର୍ଥୀମାନେ ପରୀକ୍ଷାରେ ଭଲ ନମ୍ବର ରଖିବେ। କଳା ଓ ସାହିତ୍ୟରେ ରୁଚି ରଖିଥିବା ବ୍ୟକ୍ତିମାନେ ଆଗକୁ ବଢ଼ିବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବାର ଆଶଙ୍କା ରହିଛି।

**ବୃଷ** — ବିଦ୍ୟାର୍ଥୀମାନେ ସଫଳ ହୋଇପାରନ୍ତି। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଆଶଙ୍କା ରହିଛି। ବିବାଦର ସମାଧାନ ହୋଇପାରେ। ବ୍ୟବସାୟୀମାନେ ଲାଭବାନ ହେବେ। ରାଜନୀତିରେ ଶୁଭଫଳ ମିଳିପାରେ।

**ମିଥୁନ** — ପରିବାରରେ ଅଶାନ୍ତି ଦେଖାଦେଇପାରେ। ଆର୍ଥିକ ଚିନ୍ତାରୁ କିଛିମାତ୍ରାରେ ଆଶ୍ୱସ୍ତି ମିଳିବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ଲାଭ ପାଇବେ। କଳାକାରମାନେ ଯଶ ଅର୍ଜନ କରିବେ।

**କର୍କଟ** — ଆର୍ଥିକ ସ୍ୱଚ୍ଛତା ଦେଖାଦେଇପାରେ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ ହୋଇପାରନ୍ତି। ନୂତନ ଯାନ କ୍ରୟ ସମ୍ଭାବନା। ବିବାଦର ସମାଧାନ ହେବା ସହିତ ସୁସ୍ଥତା ଅନୁଭବ କରିବେ।

**ସିଂହ** — ଧନ ବୃଦ୍ଧିର ଶୁଭ ଫଳ ମିଳିପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ରହିବା ସହିତ ମନରେ ଅଶାନ୍ତି ଦେଖାଦେବ।

**କନ୍ୟା** — ସାମାଜିକ କାର୍ଯ୍ୟରେ ମନ ନିବେଶ କରିବେ। କର୍ମକ୍ଷେତ୍ରରେ ଆଶାଠାରୁ ଅଧିକ ସଫଳ ମିଳିବ। ଛାତ୍ରଛାତ୍ରୀମାନେ ଅଧିକ ସଫଳତା ପାଇବେ। ରାଜନୀତିରେ ଆଧିପତ୍ୟ ବିସ୍ତାର କରିପାରିବେ।

**ତୁଳା** — ଧାର୍ମିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ରୁଚି ରଖିବେ। ଆନନ୍ଦ ଉଲ୍ଲାସ ଦେଖାଦେବ। କର୍ମରେ ଯୋଗ ଦେବେ। ସହକର୍ମୀଙ୍କ ସହ କଳହ ଲାଗିପାରେ। ରାଜନୀତିରେ ବିପଦ ବଢ଼ିବାର ଆଶଙ୍କା ରହିଛି।

**ବିଛା** — ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥ ଲାଗିପାରେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଜମିଜମା ବିବାଦର ସମାଧାନ ଘଟିପାରେ।

**ଧନୁ** — ଧାର୍ମିକ କାର୍ଯ୍ୟରେ ଅଧିକ ସମୟ ଅତିବାହିତ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ବନ୍ଧୁ ମିଳନ ହୋଇପାରେ। ବ୍ୟବସାୟୀମାନେ ଲାଭୁ ବଞ୍ଚିତ ହୋଇପାରନ୍ତି।

**ମକର** — କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରଛାତ୍ରୀମାନେ ଭଲ ପାଠ ପଢ଼ିବେ। ଆର୍ଥିକ ସମସ୍ୟା ଦୂର ହୋଇପାରେ। ବ୍ୟବସାୟୀମାନେ ବ୍ୟବସାୟରେ ଆଶାତୀତ ସଫଳତା ପାଇପାରନ୍ତି।

**କୁମ୍ଭ** — ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିବ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଆପଣଙ୍କୁ ସଫଳତା ମିଳିବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**ମୀନ** — ଗୃହରେ ବୃଦ୍ଧାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିବ। ଧାର୍ମିକ କାର୍ଯ୍ୟରେ ସମୟ ବିତିବ। ବିବାହ ଆଶାୟୀମାନେ ଖୁସି ଖବର ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିବାର ସମ୍ଭାବନା ଅଧିକ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# କୁଳଭୂଷଣ ପ୍ରସଙ୍ଗ : ସଂସଦରେ ପାକିସ୍ତାନକୁ ଧିକ୍କାର

**ନୂଆଦିଲ୍ଲୀ :** ପାକିସ୍ତାନ ଜେଲ୍‌ରେ ଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଲ୍‌ଭୂଷଣ ଯାଦବଙ୍କ ମାଆ ଓ ପତ୍ନୀଙ୍କୁ ଇସ୍‌ଲାମାବାଦରେ ଯେଭଳି ଅମାନବିକ ବ୍ୟବହାର ପ୍ରଦର୍ଶନ କରାଗଲା, ତାକୁ ଆଜି ସଂସଦରେ ଦଳମତ ନିର୍ବିଶେଷରେ ଦୃଢ଼ ନିନ୍ଦା କରାଯାଇଛି। ସରକାରଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଏହି ଘଟଣାରେ ଘୋର ଉଦ୍‌ବେଗ ପ୍ରକାଶ କରି ପାକିସ୍ତାନ ଯେଭଳି ଦୁଇ ଜଣ ସଧବା ମହିଳାଙ୍କୁ ସୁରକ୍ଷା ନାଁରେ ବିଧବା ବେଶରେ ସଜାଗଲା, ତାହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଲୋକସଭାରେ ମନ୍ତ୍ରୀ ସ୍ୱରାଜ ଏହି ପ୍ରସଙ୍ଗରେ ଆଜି ବିବୃତି ରଖିଲା ବେଳେ 'ପାକିସ୍ତାନ୍ ମୁର୍ଦ୍ଦାବାଦ୍' ଧ୍ୱନିରେ ଗୃହ ହୁଲ୍‌ସ୍ଥୁଲ୍ ହୋଇଯାଇ ଥିଲା। ବୈଦେଶିକ ମନ୍ତ୍ରୀ ସ୍ୱରାଜ ସଂସଦର ଉଭୟ ସଦନରେ ଏହି ପ୍ରସଙ୍ଗରେ ସମାନ ବିବୃତି ରଖି କହିଥିଲେ, ଯାଦବଙ୍କ ପରିବାର ପ୍ରତି ଗୁରୁତର ମାନବାଧିକାର ଉଲ୍ଲଂଘନ କରାଯାଇଛି। ଗୁପ୍ତଚର ବୃତ୍ତି ଅଭିଯୋଗରେ ପାକିସ୍ତାନ ସାମରିକ ଅଦାଲତ ଯାଦବଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲା ବେଳେ ଅନ୍ତର୍ଜାତୀୟ ଅଦାଲତ ଏହା ଉପରେ ରୋକ୍ ଲଗାଇଥିବା ସମୟରେ ତାଙ୍କ ମାଆ ଅବନ୍ତୀ ଓ ପତ୍ନୀ ଚେତନକୁଲ୍ ଗତ ୨୫ରେ ତାଙ୍କୁ ଭେଟିବା ପାଇଁ ଇସ୍‌ଲାମାବାଦ ଯାଇଥିଲେ। ସେମାନଙ୍କ ଦେହରୁ ଜବରଦସ୍ତ ମଙ୍ଗଳସୂତ୍ର, ବିନ୍ଦି, ଚୁଡ଼ି ଓ ଚପଲ କାଢ଼ି ନିଆଯାଇଥିଲା। ଏପରିକି ଦୁହିଁଙ୍କୁ ସୁରକ୍ଷା ନାଁରେ ବସ୍ତ୍ର ବଦଳାଇବାକୁ ବାଧ୍ୟ କରାଯାଇ ଥିଲା। ଲୋକସଭାରେ ବୈଦେଶିକ ମନ୍ତ୍ରୀ ସ୍ୱରାଜ ଏହା ପ୍ରକାଶ କରି ଆହୁରି କହିଥିଲେ, "ଦୁଇ ବିବାହିତା ମହିଳାଙ୍କୁ ବିଧବା



ବେଶରେ ତାଙ୍କର ପୁଅ ଓ ସ୍ୱାମୀଙ୍କ ଆଗରେ ହାଜର କରାଯାଇଥିଲା। ଏହାଠାରୁ ବଡ଼ ଅପମାନ ଆଉ କିଛି ନାହିଁ।" ଏହି ସମୟରେ ଗୃହରେ ସଦସ୍ୟମାନେ ଲଜ୍ଜା ଲଜ୍ଜା ଧ୍ୱନି ଦେଇଥିଲେ। ସ୍ୱରାଜ ପୁଣି କହିଥିଲେ, ଏହାକୁ ନିନ୍ଦା କରିବା ପାଇଁ ଶବ୍ଦ ଯଥେଷ୍ଟ ହେବ ନାହିଁ। ଯାଦବଙ୍କୁ ତାଙ୍କ ମାଆ ଓ ପତ୍ନୀ ଗତ ସୋମବାର ଇସ୍‌ଲାମାବାଦ ସ୍ଥିତ ପାକିସ୍ତାନର ବୈଦେଶିକ ବ୍ୟାପାର କାର୍ଯ୍ୟାଳୟରେ ଏକ ଅସ୍ୱାଭାବିକ ପରିବେଶ ମଧ୍ୟରେ ଭେଟିଥିଲେ ସତ କିନ୍ତୁ ସେମାନଙ୍କ ମଧ୍ୟରେ ଏକ କାଚ ପ୍ରାଚୀର ବାଧକ ହୋଇଥିଲା। ଉଭୟ ପରସ୍ପରକୁ ଦେଖିଲେ ସତ, ସିଧାସଳଖ କଥା ହୋଇପାରିଲେ ନାହିଁ। କେବଳ ଇଣ୍ଟରକମ୍‌ରେ ଯାହା କିଛି କଥା ହେଲେ। ଏବେ ପାକିସ୍ତାନ କର୍ତ୍ତୃପକ୍ଷ ଯୋତାରେ ଚିପ୍, କ୍ୟାମେରା ଓ ରେକର୍ଡର ଖଞ୍ଜା ଯାଇଥିବା କଥା ଉଠାଉଛନ୍ତି। ଏହି ଦୁଇ ମହିଳା ବିମାନରେ ଯିବା ବେଳେ ସେମାନଙ୍କୁ ଭାରତ, ଦୁବାଇ ଓ ପାକିସ୍ତାନ ଏୟାରପୋର୍ଟରେ ଯାଞ୍ଚ କରାଯାଇଥିଲା। ସେତେବେଳେ କିଛି ସନ୍ଦେହଜନକ ପଦାର୍ଥ ମିଳିନଥିଲା ବେଳେ ପାକିସ୍ତାନ ସରକାର ଏପର୍ଯ୍ୟନ୍ତ ଯାଦବଙ୍କ ପତ୍ନୀଙ୍କ ଯୋତା ଫେରାଇ ନାହାନ୍ତି। ବୈଦେଶିକ ମନ୍ତ୍ରୀ ଏହି ପ୍ରସଙ୍ଗ ଉପରେ ଲୋକସଭାରେ ବିବୃତି ଦେବାବେଳେ ଭାବପ୍ରବଣ ହୋଇ କହିଥିଲେ, ମୁଁ ଯେତେବେଳେ ଅବନ୍ତୀଙ୍କ ସହ କଥା ହେଲି, ସେ ମୋତେ କହିଲେ, ପୁଅର ପ୍ରଥମ ପ୍ରଶ୍ନ ଥିଲା ବାବା କିପରି ଅଛନ୍ତି ? କାରଣ ଏ ପ୍ରକାର ବେଶପୋଷାକରେ କୁଲ୍‌ଭୂଷଣଙ୍କର ସନ୍ଦେହ ଉପୁଜିଥିଲା। ରାଜ୍ୟସଭାରେ ସ୍ୱରାଜ ଅନୁରୂପ ମତ ରଖି କହିଥିଲେ, ପାକିସ୍ତାନ ଏହି ପ୍ରସଙ୍ଗରେ ପୁଣି ଅପପ୍ରଚାର ଚଳାଇବା ପାଇଁ ଏଭଳି ପ୍ରୟାସ କରିଛି। କିନ୍ତୁ ଯାଦବଙ୍କୁ ଭେଟିବା ପାଇଁ ତାଙ୍କ ପରିବାରକୁ ମାନବିକତା ଦୃଷ୍ଟିକୋଣରୁ ସୁଯୋଗ ଦିଆଗଲା ବୋଲି ପାକିସ୍ତାନ ଦର୍ଶାଉଛି। କିନ୍ତୁ ପ୍ରକୃତ ସତ ହେଉଛି, ଏହି ଭେଟଘାଟରେ ମାନବିକତା ଓ ଦୟାର ଆଦୌ ପ୍ରଶ୍ନ ଉଠୁନାହିଁ। ବରଂ ଏହା ମାନବାଧିକାରର ଗୁରୁତର ଉଲ୍ଲଂଘନ ବୋଲି ସେ କହିଛନ୍ତି।

## ଓଟ ପିଠିରେ ସୀମା ଜଗିବେ ଯବାନ

**ଚଣ୍ଡିଗଡ଼ :** ଲାଦାଖର ହାଇ ଅଲଟିଚ୍ୟୁଡ୍ ପ୍ରକୃତ ନିୟନ୍ତ୍ରଣ ରେଖା ବା ଏଲ୍‌ଏସିରେ ଅନୁପ୍ରବେଶ ରୋକିବାକୁ ସେନା ଓଟରେ ପାଟ୍ରୋଲିଂ କରିବାକୁ ସ୍ଥିର କରିଛି। ପରୀକ୍ଷାମୂଳକ ଭାବେ ଦୁଇ କୁଜ ଓ ଏକ କୁଜ ଥିବା ଓଟଙ୍କୁ ପାଟ୍ରୋଲିଂରେ ବ୍ୟବହାର କରାଯିବ। ତାଲିମପ୍ରାପ୍ତ ଓଟ ପାଟ୍ରୋଲିଂ କରିବା ସହ ଓଜନିଆ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଓ ଅନ୍ୟ ଯୁଦ୍ଧ ସରଞ୍ଜାମ ମଧ୍ୟ ବୋହିପାରିବେ ବୋଲି ସେନା ପକ୍ଷରୁ କୁହାଯାଇଛି। ଘୋଡ଼ା, ଖଚର ଓ ଗଧ ପ୍ରାୟ ୪୦ କିଲୋଗ୍ରାମ୍ ଓଜନର ସାମଗ୍ରୀ ବୋହିପାରୁଥିବା ବେଳେ ଦୁଇ କୁଜ ଥିବା ଓଟ ୧୮୦ରୁ ୨୦୦ କିଲୋଗ୍ରାମ୍ ଓଜନର ଭାର ବହନ କରି ଯାଇପାରିବ। ସମତଳ ଅଞ୍ଚଳରେ ଘୋଡ଼ା, ଖଚର ଓ ଗଧଙ୍କ ତୁଳନାରେ ଓଟ ଅଧିକ କ୍ଷୀପ୍ର ବେଗରେ ଅର୍ଥାତ୍ ଦୁଇ ଘଣ୍ଟାରେ ୧୦ରୁ ୧୫ କିଲୋମିଟର ପଥ ଅତିକ୍ରମ କରିପାରିବ। ଭାରତରେ କେବଳ ଲାଦାଖର ନୁବ୍ରା ଉପତ୍ୟକାରେ ଦୁଇ କୁଜ ଥିବା ଓଟ ମିଳନ୍ତି। ଏବେ ନୁବ୍ରା ଉପତ୍ୟକାରେ ପ୍ରାୟ ୨୦୦ଟି ଦୁଇ କୁଜ ଥିବା ଓଟ ଅଛନ୍ତି।

## ଆଧାର ଯୋଗୁଁ ବରିଷ୍ଠଙ୍କୁ ମିଳୁନି ପେନ୍‌ସନ୍

**ନୂଆଦିଲ୍ଲୀ :** ଆଧାର ବ୍ୟବସ୍ଥାକୁ ନେଇ କେତେକ ମହଲରେ ଆପତ୍ତି ଉଠୁଥିଲା ବେଳେ ଏବଂ ଏ ସମ୍ପର୍କିତ ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଥିଲା ବେଳେ ଲୋକସଭାରେ ଜଣେ ବିଜେପି ସାଂସଦ ଏହି ପ୍ରସଙ୍ଗ ଉଠାଇ ଏହାର ଅସୁବିଧା ସମ୍ପର୍କରେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ଶୂନ୍ୟକାଳରେ ବିଜେପି ସାଂସଦ ସୁଶୀଲ କୁମାର ସିଂହ ଏହି ପ୍ରସଙ୍ଗ ଉତ୍ଥାପନ କରି କହିଥିଲେ, ଆଧାର ଡାଟାରେ ଷ୍ଟୋର୍ ହୋଇଥିବା ଆଙ୍ଗୁଠି ଛାପ ମେଳ ଖାଉନଥିବାରୁ ବହୁ ବରିଷ୍ଠ ନାଗରିକ ସେମାନଙ୍କର ପେନ୍‌ସନ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ଏ ବିଷୟକୁ ଗୁରୁତର ଭାବେ ଗ୍ରହଣ କରି ଏହାର ପ୍ରତିକାର କରନ୍ତୁ ବୋଲି ସେ ଦାବି କରିଥିଲେ। ସେ ଆହୁରି କହିଥିଲେ ଯେ, ବାର୍ଦ୍ଧକ୍ୟ ଅବସ୍ଥାରେ ଅଙ୍ଗୁଳି ଛାପ ନିଆଯାଉଥିବାରୁ ତାହା ପରବର୍ତ୍ତୀ ସମୟରେ ମେଳ ଖାଉନାହିଁ। କେବଳ ବରିଷ୍ଠ ନାଗରିକ ନୁହଁନ୍ତି, କେତେକ ଭିନ୍ନକ୍ଷମ ମଧ୍ୟ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେ ଏ ସମ୍ପର୍କରେ ନିଜ ବୃଦ୍ଧା ମାଆଙ୍କ ଉଦାହରଣ ଦେଇ କହିଥିଲେ, ତାଙ୍କୁ ଏହି କାରଣରୁ ମୋବାଇଲ୍ ସିମ୍ କାର୍ଡ ମିଳିଲା ନାହିଁ। ତେଣୁ ସେ ବାଧ୍ୟ ହୋଇ ଜଣେ ସମ୍ପର୍କୀୟଙ୍କ ନାଁରେ ମୋବାଇଲ୍ କନେକ୍ସନ୍ ନେଇଛନ୍ତି। ଅନେକ କ୍ଷେତ୍ରରେ ଆଖିର ଡୋଳା ମଧ୍ୟ ପରବର୍ତ୍ତୀ ସମୟରେ ମେଳ ଖାଉନାହିଁ ବୋଲି ସେ କହିଛନ୍ତି। ବିହାରର ଔରଙ୍ଗାବାଦ ଆସନରୁ ପ୍ରତିନିଧିତ୍ୱ କରୁଥିବା ସୁଶୀଲ କହିଛନ୍ତି, ଉପଭୋକ୍ତାଙ୍କ ପାଇଁ ଉଦ୍ଦିଷ୍ଟ ସବ୍‌ସିଡିକୁ ଯେଉଁ ଟେଲିକମ୍ ଅପରେଟର୍‌ମାନେ ହଡ଼ପ କରୁଛନ୍ତି, ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ହେବା ଦରକାର। ଏହି ସମୟରେ ତାଙ୍କୁ ବିଜେଡି ସାଂସଦ ତଥାଗତ ଶତପଥୀ ସମର୍ଥନ କରିଥିଲେ। ବିଜେପି ସଦସ୍ୟ ରବୀନ୍ଦ୍ର କୁମାର ରାୟ ଏହି ସମୟରେ ସର୍ବଶିକ୍ଷା ଅଭିଯାନରେ ନିଯୁକ୍ତି ପାଉଥିବା ଶିକ୍ଷକମାନଙ୍କ ଦରମା ବୃଦ୍ଧି ପାଇଁ ସରକାର ପଦକ୍ଷେପ ନେବାକୁ ଦାବି କରିଥିଲେ ଏବଂ ସେମାନଙ୍କୁ ନିୟମିତ କରାଯାଉ ବୋଲି କହିଥିଲେ।

## କଫି ପିଇଲେ, ସେଲ୍‌ଫି ନେଲେ



**ସିମଳା :** ସିମଳା ପ୍ରସିଦ୍ଧ କଫିର ମହକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଧାରିତ ଗସ୍ତ ସମୟରେ ବାଧା ଉପୁଜାଇବାରେ ସଫଳ ହୋଇଛି। ଏହି କଫିର ସ୍ୱାଦନେବା ପାଇଁ ମୋଦି ଅନିର୍ଦ୍ଧାରିତ ଭାବରେ ଅଟକିଯିବା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ ଓ ଚମତ୍କୃତ କରିଛି। ମୋଦି ସ୍ମୃତିକୁ ମନେପକାଇ ୨୦ ବର୍ଷତଳେ ତାଙ୍କର ପ୍ରିୟ ଇଣ୍ଡିଆନ୍ କଫି ହାଉସ୍‌ରେ କଫି କପେ ପିଇବା ପାଇଁ ଅଟକି ଯାଇଥିଲେ । ସୁରକ୍ଷାକୁ ଆଡ଼େଇଦେଇ ସାମନାରେ ଏକାଠି ହୋଇଥିବା ଲୋକଙ୍କ ଆଡ଼କୁ ଚାଲିଥିଲେ। ହଠାତ୍ ମୋଦିଙ୍କୁ ଏହି ସ୍ଥାନରେ ଦେଖି ଖୁବ୍ ଭିଡ଼ ହୋଇଥିଲା । ଏହାର ସୁଯୋଗ ନେଇ ମୋଦିଙ୍କ ସହିତ ସେଲ୍ଫି ନେବାକୁ ଭୁଲିନଥିଲେ ସ୍ଥାନୀୟ ଅଧିବାସୀ। ଧୂସର ରଙ୍ଗର ହିମାଚଳୀ ଟୋପି ସହିତ ଫଟୋ ଅପ୍‌ଲୋଡ୍ କରିବା ସହିତ ମୋଦି କହିଛନ୍ତି ଏହି କଫିର ସ୍ୱାଦ ୨୦ ବର୍ଷ ପରେ ମଧ୍ୟ ସ୍ୱତନ୍ତ୍ରତା ବଜାୟ ରଖିଛି। ମୋଦି ୮ ବର୍ଷଧରି ସିମଳାରେ ଦଳୀୟ ଦାୟିତ୍ୱରେ ଥିଲେ ଏବଂ ସେହି ସମୟରେ ଇଣ୍ଡିଆନ୍ କଫି ହାଉସ୍ ତାଙ୍କର ପ୍ରିୟ ସ୍ଥାନ ଥିଲା। ହିମାଚଳ ପ୍ରଦେଶର ନୂତନ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗ ଦେବା ପାଇଁ ସେ ସିମଳା ଗସ୍ତରେ ଥିଲେ।

### ଏଣିକି ସାଉଦି ଆରବ, ୟୁଏଇରେ ଲାଗୁ ହେବ ଟିକସ

## ପହିଲାରୁ ଲାଗୁ ହେବ ୫% ଭାଟ୍

**ଦୁବାଇ :** ସାଉଦି ଆରବ ଓ ସଂଯୁକ୍ତ ଆରବ ଅମୀରେଟ୍ସ ବା ୟୁଏଇ ଆଉ ଟିକସମୁକ୍ତ ଦେଶ ହୋଇ ରହିବେ ନାହିଁ। ସେଠାକାର ସରକାର ୨୦୧୮ ଜାନୁଆରୀ ପହିଲାରୁ ଅନେକ ସାମଗ୍ରୀ ଓ ସେବା ଉପରେ ୫% ମୂଲ୍ୟଯୁକ୍ତ କର ବା ଭ୍ୟାଟ୍ ଲାଗୁ କରିବେ। ଟିକସ ଦେୟର ଜଞ୍ଜାଳ ନଥିବା ଜୀବନଶୈଳୀ ପ୍ରତି ଆକୃଷ୍ଟ ହୋଇ ସାରା ବିଶ୍ୱରୁ ଅନେକ ଲୋକ ସେମାନଙ୍କ କର୍ମସ୍ଥଳୀ ଭାବେ ଏହି ଦୁଇ ଗଲ୍ଫ ଦେଶକୁ ବଛୁଥିଲେ। ଗତ ତିନି ବର୍ଷ ଧରି ଅନ୍ତର୍ଜାତୀୟ ବଜାରରେ ତୈଳ ଦର କମିଥିବାରୁ ତୈଳ ସମୃଦ୍ଧ ମଧ୍ୟପ୍ରାଚ୍ୟର ଏହି ଦୁଇ ଦେଶର ରାଜସ୍ୱ ଆୟ କମିଛି। ତେଣୁ ସାମଗ୍ରୀ ଓ ସେବା ଉପରେ ଆଦୌ କର ନେଉନଥିବା ଏହି ଦୁଇ ଦେଶ ଏବେ ଖାଦ୍ୟ, ବସ୍ତ୍ର, ଗ୍ୟାସୋଲିନ୍, ଇଲେକ୍ଟ୍ରୋନିକ୍ସ,





ଫୋନ୍, ପାଣି ଓ ବିଜୁଳି ବିଲ୍, ହୋଟେଲ୍ ରିଜର୍ଭେସନ୍ ଆଦିରେ ୫% ଭ୍ୟାଟ୍ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଭଡ଼ା, ସ୍ଥାବର ସମ୍ପତ୍ତି ବିକ୍ରି, କେତେକ ଔଷଧ, ବିମାନ ଟିକେଟ୍, ସ୍କୁଲ୍ ଟିଉସନ୍ ଆଦିରେ ଭ୍ୟାଟ୍ ଲାଗୁ ହେବ ନାହିଁ। ୟୁଏଇରେ ଉଚ୍ଚ ଶିକ୍ଷା ପାଇଁ କର ଦେବାକୁ ପଡ଼ିବ। ସ୍କୁଲ ୟୁନିଫର୍ମ, ବହି, ସ୍କୁଲ୍ ବସ୍ ଫି, ଲଞ୍ଚ ପାଇଁ ମଧ୍ୟ କର ଦେବାକୁ ପଡ଼ିବ। କେତେକ ୟୁରୋପୀୟ ଦେଶରେ ୨୦% ଭ୍ୟାଟ୍ ଦେବାକୁ ପଡୁଥିବାରୁ ସାଉଦି ଆରବ ଓ ୟୁଏଇରେ ୫% ଭ୍ୟାଟ୍ ଅଧିକ ନୁହେଁ ବୋଲି କୁହାଯାଉଛି। ଏବେ ଭ୍ୟାଟ୍ ଲାଗୁ ହେବାକୁ ଯାଉଥିବାରୁ ୟୁଏଇରେ କଷ୍ଟ ଅଫ୍ ଲିଭିଂ ୨.୫% ବଢ଼ିବା ସମ୍ଭାବନା ରହୁଛି। ଭ୍ୟାଟରୁ ୟୁଏଇ ସରକାର ୩୩୦ କୋଟି ଡଲାର୍ ବା ପ୍ରାୟ ୧୨୦୦ କୋଟି ଦିରହାମ୍ ପାଇବେ। ସେହିଭଳି ସାଉଦି ଆରବ ଭ୍ୟାଟ୍ ଲାଗୁ କରି ଓ ସବ୍‌ସିଡି କମାଇ ଅଧିକ ରାଜସ୍ୱ ପାଇବା ସମ୍ଭାବନା ସୃଷ୍ଟି କରି ୨୦୧୮ ପାଇଁ ୨୬୧୦୦ କୋଟି ଡଲାର ବା ପ୍ରାୟ ୯୭୮୦୦ କୋଟି ରିୟାଲର ବୃହତ୍ ବଜେଟ୍ ପ୍ରସ୍ତୁତ କରିଛି। ତୈଳ ସମୃଦ୍ଧ ଗଲ୍ଫ ଦେଶମାନେ ନନ୍-ଅୟେଲ୍ ରାଜସ୍ୱ ବଢ଼ାଇବା ପାଇଁ ନୂଆ ଟିକସ ଲାଗୁ କରିବାକୁ ଓ ବ୍ୟବସାୟର ଲାଭ ଉପରେ ଅଧିକ ଟିକସ ଆଦାୟ କରିବାକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ବା ଆଇଏମ୍‌ଏଫ୍ ପରାମର୍ଶ ଦେଇଥିଲା।

## ଠିକଣା ଲୁଚାଇ ପାରିବେନି ଟିକସ ଖିଲାପକାରୀ

**ନୂଆଦିଲ୍ଲୀ :** ଆୟକର ବିଭାଗଠାରୁ ଲୁଚୁଥିବା, ଅପହଞ୍ଚଥିବା ଆୟକର ଖିଲାପକାରୀଙ୍କୁ ନୋଟିସ୍ ଏବଂ ସମନ୍ ପଠାଇବା ତଥା ବକେୟା ଟିକସ ଆଦାୟ ପାଇଁ ଠିକଣା ସଂଗ୍ରହ ସୁବିଧା ପାଇଁ ସରକାର ନିୟମରେ ପରିବର୍ତ୍ତନ ଆଣିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଟିକସ କର୍ତ୍ତୃପକ୍ଷ କେବଳ ପ୍ୟାନ୍, ଇନ୍‌କମ୍ ଟ୍ୟାକ୍ସ ରିଟର୍ଣ୍ଣ ଓ ଅନ୍ୟାନ୍ୟ ଟିକସ ସମ୍ପର୍କିତ ଦଲିଲରେ ଉପଲବ୍ଧ ଠିକଣା ଅନୁଯାୟୀ ଖିଲାପକାରୀଙ୍କୁ ଠାବ କରୁଥିଲା। ଯାହାଫଳରେ ଠିକଣା ଖୋଜିବା କଷ୍ଟକର ହୋଇପଡୁଥିଲା। ହୁଏତ କେହିକେହି ସାଧାରଣ ଭାବରେ ଠିକଣା ପରିବର୍ତ୍ତନ କରି ସୂଚନା ଦେଇପାରିନଥାନ୍ତି କିମ୍ବା ଚତୁରତାର ସହିତ ଠିକଣା ପରିବର୍ତ୍ତନ କରିଥାଇପାରନ୍ତି। ଜଣେ ବରିଷ୍ଠ ଟିକସ ଅଧିକାରୀଙ୍କ ସୂଚନା ଅନୁଯାୟୀ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଅନୁମୋଦନ ପରେ ପରିବର୍ତ୍ତିତ ନିୟମ ବାବଦରେ ସୂଚନା ମିଳିଛି। ଯାହା ସାହାଯ୍ୟରେ ବ୍ୟାଙ୍କିଙ୍ଗ୍ କମ୍ପାନି କିମ୍ବା ସମବାୟ ବ୍ୟାଙ୍କ୍, ଇଣ୍ଡିଆ ପୋଷ୍ଟ୍, ଇନ୍ସ୍ୟୁରାନ୍ସ କମ୍ପାନି, କୃଷି ଆୟ ରିଟର୍ଣ୍ଣ ଓ ଷ୍ଟେଟ୍‌ମେଣ୍ଟ ଅଫ୍ ଫାଇନାନ୍ସିଆଲ୍ ଟ୍ରାଞ୍ଜାକ୍ସନ୍ ଆଦିରୁ ଠିକଣା ସଂଗ୍ରହ କରାଯାଇପାରିବ। ସରକାରୀ ରେକର୍ଡ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ ମଧ୍ୟ ଏହି ବ୍ୟବସ୍ଥା ଅନୁଯାୟୀ ଠିକଣା ସଂଗ୍ରହ କରାଯାଇପାରିବ। ସରକାରୀ ରେକର୍ଡର ଅର୍ଥ ହେଉଛି ଟିକସଦାତା ନିଜକୁ ପଞ୍ଜୀକୃତ କରିଥିବା ସମସ୍ତ ବ୍ୟବସ୍ଥା ଯେପରିକି ଡ୍ରାଇଭିଂ ଲାଇସେନ୍ସ, ଭୋଟର୍ ଆଇଡି ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ଅର୍ଥାତ ପୌର କର୍ତ୍ତୃପକ୍ଷ କିମ୍ବା ସେହିଭଳି କିଛି ସଂସ୍ଥା। ଆୟକର ବିଭାଗର ପଲିସି-ମେକିଙ୍ଗ୍ ଅନୁଷ୍ଠାନ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ ଏହି ପଦକ୍ଷେପ ନେଇଛି। ବେଳେବେଳେ ଖିଲାପକାରୀଙ୍କୁ ଠାବ କରିବାରେ ସମସ୍ୟା ହେତୁ କୋଟି କୋଟିଟଙ୍କାର ଟିକସ ଆଦାୟ ହେବାରେ ଉପୁଜୁଥିବା ସମସ୍ୟା ଏହି ପରିବର୍ତ୍ତନ ଦ୍ୱାରା ସମାଧାନ ହୋଇପାରିବ ବୋଲି ଜଣେ ଅଧିକାରୀ ଜଣାଇଛନ୍ତି। ପ୍ୟାନ୍ ବା ଆଇଟିଆର୍‌ରେ ଦେଇଥିବା ଠିକଣା ବଦଳାଇଦେଲେ ମଧ୍ୟ ସେମାନଙ୍କ ନିକଟରେ ପହଞ୍ଚିହେବ। ରାଜସ୍ୱ ଆଦାୟ କରିବା, ଖିଲାପକାରୀଙ୍କୁ ଧରିବା ଓ ଦଣ୍ଡବିଧାନ କରିବା ଏହାର ଲକ୍ଷ୍ୟ ବୋଲି ସେ କହିଥିଲେ।

# ଉତ୍ତର କୋରିଆର କ୍ଷେପଣାସ୍ତ୍ର ପରୀକ୍ଷା, ଭାରତ ପାଇଁ ବିପଦ !

**ନୂଆଦିଲ୍ଲୀ :** ଉତ୍ତରକୋରିଆର ଆଣବିକ ପରୀକ୍ଷା ଓ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ପାଇଁ ଭାରତ ଚୀନ୍ ଓ ପାକିସ୍ତାନକୁ ଦାୟୀ କରିଛି। ଏହା ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି। ତେଣୁ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରାଯାଇ ବିହିତ ପଦକ୍ଷେପ ନିଆଯିବାକୁ ଭାରତ ଅନ୍ତର୍ଜାତୀୟ ସମୁଦାୟ ନିକଟରେ ଦାବି କରିଛି। ଉତ୍ତରକୋରିଆର ଅଣୁ ପ୍ରସାର କାର୍ଯ୍ୟକ୍ରମ ଭାରତ ପାଇଁ ବିପଦ ବୋଲି ନୂଆଦିଲ୍ଲୀ ମନେକରୁଛି। ପ୍ୟୋଙ୍ଗ୍‌ୟାଙ୍ଗ୍ କିଭଳି ଓ କେଉଁଠାରୁ ଆଣବିକ ବୈଷୟିକ ଜ୍ଞାନ ହାସଲ କଲା, ତାହାର ବିଧିବଦ୍ଧ ତଦନ୍ତ ହେବା ଦରକାର ବୋଲି ନୂଆଦିଲ୍ଲୀ ଦାବି କରିଥିବା ଭାରତର ବୈଦେଶିକ ନୀତି ସହ ସମ୍ପୃକ୍ତ ସୂତ୍ରରୁ ଜଣାପଡ଼ିଛି। ଏହି ସୂତ୍ରରୁ ପ୍ରକାଶ ଯେ, ଏହା ପଛରେ ଚୀନ୍ ଓ ପାକିସ୍ତାନ ଏହି ଦୁଇ ଅଣୁଶକ୍ତି ସମ୍ପନ୍ନ ରାଷ୍ଟ୍ରର ହାତ ରହିଛି ବୋଲି ଭାରତର ମତ। ତେଣୁ ଏ କ୍ଷେତ୍ରରେ ଉତ୍ତରକୋରିଆ, ଚୀନ୍ ଓ ପାକିସ୍ତାନ ମଧ୍ୟରେ କି ପ୍ରକାର ସମ୍ପର୍କ ରହିଛି, ସେ ସମ୍ପର୍କରେ ଅନ୍ତର୍ଜାତୀୟ ସମୁଦାୟ ଅନୁସନ୍ଧାନ କରିବା ଜରୁରି ହୋଇପଡ଼ିଛି। ସରକାର ଇତିମଧ୍ୟରେ କେତେକ ସାଂସଦଙ୍କ ସହ ଆଲୋଚନା କରିଛନ୍ତି। ଉତ୍ତରକୋରିଆ ସମ୍ପର୍କରେ ନୂଆଦିଲ୍ଲୀର ଆଭିମୁଖ୍ୟ ସେମାନଙ୍କୁ ଅବଗତ କଲାବେଳେ ଏହା ଉତ୍ଥାପିତ ହୋଇଥିଲା। ତେବେ ଏହି ଆଲୋଚନାର ସବିଶେଷ ବିବରଣୀ ଗୋପନ ରଖାଯାଇଛି। ଆସନ୍ତା ୧୬ରେ ଉତ୍ତରକୋରିଆ ପ୍ରସଙ୍ଗରେ ଆଲୋଚନା କରିବା ଲାଗି ଆମେରିକା ଉଦ୍ୟମରେ ଭାଙ୍କୋଭର୍ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଭାରତ ସମେତ କ୍ୟାନାଡା, ଫ୍ରାନ୍ସ, ଦକ୍ଷିଣ କୋରିଆ ଓ ଜାପାନ ଯୋଗ ଦେଉଛନ୍ତି। ଉତ୍ତରକୋରିଆର



ଏକଛତ୍ରବାଦୀ ଶାସକ କିମ୍-ଜୋଙ୍ଗ୍-ଉନ୍‌ଙ୍କ ସିରିଜ୍ କ୍ଷେପଣାସ୍ତ୍ର ପରୀକ୍ଷାରେ ଆମେରିକାର ଟ୍ରମ୍ପ୍ ପ୍ରଶାସନ ଉତ୍‌କ୍ଷିପ୍ତ ହୋଇ ପ୍ରତିକାର ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ନୂଆଦିଲ୍ଲୀର ଏ ପ୍ରକାର ଆଭିମୁଖ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଉତ୍ତରକୋରିଆର ସଦ୍ୟ କ୍ଷେପଣାସ୍ତ୍ର ପରୀକ୍ଷା ପରିପ୍ରେକ୍ଷୀରେ ଗତ ଶୁକ୍ରବାର ଜାତିସଂଘ ସୁରକ୍ଷା ପରିଷଦ ପ୍ୟୋଙ୍ଗ୍‌ୟାଙ୍ଗ୍ ବିରୋଧରେ ସାନି କଟକଣା ଜାରି କରିଛି। ଆମେରିକାର ଯେକୌଣସି ପ୍ରମୁଖ ସ୍ଥାନରେ ଉତ୍ତରକୋରିଆର କ୍ଷେପଣାସ୍ତ୍ର ପହଞ୍ଚି ପାରିବ ବୋଲି ପ୍ୟୋଙ୍ଗ୍‌ୟାଙ୍ଗ୍‌ର ଦୃଢ଼ୋକ୍ତି ଅନ୍ତର୍ଜାତୀୟ ସମୁଦାୟକୁ କ୍ଷୁବ୍ଧ କରିଛି। ଉଲ୍ଲେଖଯୋଗ୍ୟ ଯେ, ଉତ୍ତରକୋରିଆର ଘନିଷ୍ଠ ସହଯୋଗୀ ଚୀନ୍ ସହ ଆଲୋଚନା କରି ଆମେରିକା ଏହି ପ୍ରସ୍ତାବ ଆଣିଥିଲା। ଏହି ସୂତ୍ରରୁ ଆହୁରି ଜଣାପଡ଼ିଛି ଯେ, ଭାରତର ଉଦ୍‌ବେଗ ସମ୍ପର୍କରେ ପ୍ୟୋଙ୍ଗ୍‌ୟାଙ୍ଗ ସଚେତନ ଅଛି। ପାକିସ୍ତାନ ସହ ତା'ର ସମ୍ପର୍କ ଥିବାରୁ ଉତ୍ତରକୋରିଆ ଏ ସମ୍ପର୍କରେ ଭଲଭାବରେ ଅବଗତ ରହିଛି। ଭାରତ ଅଣୁଅପ୍ରସାର ଚୁକ୍ତି (ଏନ୍‌ପିଟି)ରେ ସ୍ୱାକ୍ଷର କରିନାହିଁ। କିନ୍ତୁ ଉତ୍ତରକୋରିଆ ପୂର୍ବରୁ ଏଥିରେ ସ୍ୱାକ୍ଷର କରିଥିଲେ ମଧ୍ୟ ପରେ ଓହରି ଯାଇଛି। ଗତ ସେପ୍ଟେମ୍ବର ୩ରେ ପ୍ୟୋଙ୍ଗ୍‌ୟାଙ୍ଗର ଅଣୁ ପରୀକ୍ଷା ପରିପ୍ରେକ୍ଷୀରେ ନୂଆଦିଲ୍ଲୀ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଥିଲା, ଭାରତ ଏହି ଅଣୁ ପରୀକ୍ଷାରେ ଉଦ୍‌ବେଗ ପ୍ରକାଶ କରୁଛି।

## ଆଦିବାସୀଙ୍କ ଦକ୍ଷତା ବିକାଶ ଅର୍ଥ ହଡ଼ପ

# ଏଣିକି ତାଲିମ ଦେଇ ପାରିବେନି ଏନ୍‌ଜିଓ

**ଭୁବନେଶ୍ୱର :** ରାଜ୍ୟର କେତେକ ଜିଲ୍ଲାରେ ଆଦିବାସୀ ଯୁବକମାନଙ୍କ ଦକ୍ଷତା ବିକାଶ ତାଲିମ ଆଳରେ ଅର୍ଥ ହରିଲୁଟ୍ ଅଭିଯୋଗ ରହିଥିବା ଏନ୍‌ଜିଓମାନଙ୍କ ଉପରେ ରୋକ୍ ଲଗାଯାଇଛି। ଅଭିଯୋଗର ତଦନ୍ତ ଶେଷ ନହେବା ଯାଏ ଏଣିକି ସେମାନେ କୌଣସି ତାଲିମ କାର୍ଯ୍ୟକ୍ରମ କରିପାରିବେ ନାହିଁ ବୋଲି ଦକ୍ଷତା ବିକାଶ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାଗୁଡ଼ିକରେ ପ୍ରକଳ୍ପ ଏଜେନ୍ସି (ପିଆଇଏ) ନିଯୁକ୍ତ କରାଯିବା ନେଇ ପୁନଃ ସମୀକ୍ଷା କରାଯିବ ଓ ଗତ ୨ ବର୍ଷ ଧରି ତାଲିମ ପ୍ରଦାନ କରୁଥିବା ଏନ୍‌ଜିଓଗୁଡ଼ିକର କାର୍ଯ୍ୟଧାରା ଯାଞ୍ଚ୍ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ସୂତ୍ରରୁ ଜଣାଯାଇଛି ଯେ ଏ ସମ୍ପର୍କରେ ଏକାଧିକ ଅଭିଯୋଗ ମିଳିଥିଲା। ଚିତ୍ତରଞ୍ଜନ ଷଡଙ୍ଗୀ ନାମକ ଜଣେ ସମାଜସେବୀଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗ ଉପରେ ଏହାର ତଦନ୍ତ କରିବାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଏନ୍‌ଜିଓଗୁଡ଼ିକ ସମ୍ପର୍କରେ ଯାଞ୍ଚ୍ ବେଳେ ହୋଇଥିବା ଅଭିଯୋଗର ସତ୍ୟତା ରହିଥିବା ଜଣାପଡ଼ିଥିଲା ମିଳିଥିବା ସୂଚନା ଅନୁଯାୟୀ ବିଭିନ୍ନ ଜିଲ୍ଲା ଓ ବ୍ଲକ୍‌ରେ ଥିବା ଆଦିବାସୀ ଯୁବକ ଓ ବିଭିନ୍ନ ସାମଗ୍ରୀ ଉତ୍ପାଦ କରୁଥିବା ଆଦିବାସୀମାନଙ୍କ ଦକ୍ଷତା ବିକାଶ ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିବା ପରେ ଆଦିବାସୀ ଓ ଜନଜାତି ବିକାଶ ବିଭାଗ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଥିଲେ। ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାଗୁଡ଼ିକରେ ପ୍ରକଳ୍ପ ଏଜେନ୍ସି (ପିଆଇଏ) ନିଯୁକ୍ତ କରାଯିବ। ସରକାରୀ ତାଲିକାଭୁକ୍ତ ପିଆଇଏଗୁଡ଼ିକ ତାଲିମ ପ୍ରଦାନ କରିବେ। ଏଥିପାଇଁ ଦକ୍ଷତା ବିକାଶ ବିଭାଗ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଥିବା ଦକ୍ଷତା ବିକାଶ କେନ୍ଦ୍ରକୁ ପିଆଇଏ ନିଯୁକ୍ତି ପାଇଁ କ୍ଷମତା ପ୍ରଦାନ କରିବ। ଏଥିପାଇଁ ଓଏସ୍‌ଡିଏ ଓ ଓଏସ୍‌ଏଫ୍‌ଡିସି ଜରିଆରେ ଅର୍ଥ ମଞ୍ଜୁର କରାଯାଇଛି। କିନ୍ତୁ ଦକ୍ଷତା ବିକାଶ ତାଲିମ ପ୍ରଦାନ ନେଇ ନିର୍ଦ୍ଦେଶନାମା ଜାରି ହେବା ପରେ ପିଆଇଏ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଥିଲା। ଅଭିଯୋଗରେ ଦର୍ଶାଯାଇଛି ବହୁ ବେନାମୀ ଓ କେବେ ହେଲେ ଆଦିବାସୀ କ୍ଷେତ୍ରରେ କାର୍ଯ୍ୟ କରିନଥିବା ଏନ୍‌ଜିଓମାନଙ୍କୁ ସରକାରୀ ତାଲିକାଭୁକ୍ତ ପିଆଇଏ ଭାବରେ ନିଯୁକ୍ତି ଦିଆଯାଇଛି। ଓଏସ୍‌ଡିଏ ଓ ଓଏସ୍‌ଏଫ୍‌ଡିସି ସହାୟତାରେ ଏହି ପିଆଇଏ ଗୁଡ଼ିକ ତାଲିମ ପ୍ରଦାନ ଆଳରେ ଅର୍ଥ ହରିଲୁଟ୍ କରିଛନ୍ତି। ନିୟମ ଥିଲା ସ୍ଥାନୀୟ ଅଞ୍ଚଳର ଆଦିବାସୀମାନଙ୍କ ଜୀବନ ଜୀବିକା ସହ ପରିଚିତ ଲୋକାଲ୍ ଏନ୍‌ଜିଓମାନଙ୍କୁ ଏହି ତାଲିମ ପ୍ରଦାନ ଦାୟିତ୍ୱ ଦିଆଯିବ। ଏବେ କିନ୍ତୁ ସହରରେ ପ୍ରତିଷ୍ଠିତ ଏନ୍‌ଜିଓମାନଙ୍କୁ ଏଥିରେ ସାମିଲ୍ କରାଯାଇଛି। ଯେଉଁମାନେ କୌଣସି ତାଲିମ ଦେବା ପରିବର୍ତ୍ତେ ବିଭାଗରୁ ପର୍ଯ୍ୟାୟ କ୍ରମେ ମାସିକ ୧୦ରୁ ୧୫ ଲକ୍ଷ ଟଙ୍କା ଉଠାଇ ନେଇଛନ୍ତି। ପ୍ରକୃତ ପିଆଇଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଏହି ଅଭିଯୋଗରେ ନିବେଦନ କରାଯାଇଥିଲା।

# ଭିତରେ ଜିଲ୍ଲାପାଳଙ୍କ ଜନ ଶୁଣାଣି, ବାହାରେ ଦୁର୍ନୀତି ବିରୁଦ୍ଧରେ ରଣ ହୁଙ୍କାର




**ଜଗତସିଂହପୁର, (ସୁଶାନ୍ତ କୁମାର ରାଉତ) :** ଗତ ୨୬ ତାରିଖ ପୂର୍ବାହ୍ନରେ ରଘୁନାଥପୁର ବ୍ଲକର ସଭାଗୃହରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ୍ କେଶରୀ ଦାସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜୟ ନାରାୟଣ ପଙ୍କଜ, ରଘୁନାଥପୁର ବିଡିଓ ଦେବୀ ପ୍ରସାଦ ଟାଲି, ଜଗତ୍‌ସିଂହପୁର କୃଷି ଉପନିର୍ଦ୍ଦେଶକ ନରେନ୍ଦ୍ର କୁମାର ବେହେରା, ଅତିରିକ୍ତ ତହସିଲଦାର ମାନସ କୁମାର ତ୍ରିପାଠୀ, ଅତିରିକ୍ତ ବିଡିଓ ଅଶୋକ କୁମାର ମହାନ୍ତି, ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ଶପନ କୁମାର ଜେନା, ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ସାହୁ, ଶୁଭଲକ୍ଷ୍ମୀ ମହାନ୍ତି, ଗ୍ରାମ୍ୟ ପାନୀୟ ଜଳ ଯନ୍ତ୍ରୀ ଦିପାଳିକା ବିଶ୍ୱାଳ, ଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଦାସ, ସେସୁ ଏସ୍‌ଡିଓ, ଡ୍ରେନେଜ ବିଭାଗ ଏସ୍‌ଡିଓଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଅନ୍ୟ ପକ୍ଷରେ ଜିଲ୍ଲାପାଳଙ୍କ ଏହି ଜନଶୁଣାଣି ପ୍ରକୋଷ୍ଠ ବାହାରେ ପ୍ରାୟ ଅଧିକାଂଶ ଦଳର ମୁଖିଆମାନଙ୍କ ଦ୍ୱାରା ବ୍ଲକ୍ ତଥା ଜିଲ୍ଲାସ୍ତରରେ ହେଉଥିବା ଖୋଲା ଦୁର୍ନୀତି ବିରୁଦ୍ଧରେ ଏକ ଗଣ ଧାରଣା ଚାଲିଥିବା ଦେଖିବାକୁ ମିଳିଥିଲା। ଏପରିକି ଲୋକମାନଙ୍କ ସମସ୍ୟା ବୁଝିବା ପାଇଁ ଜିଲ୍ଲାପାଳଙ୍କ ପକ୍ଷରୁ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଅଭିଯୋଗ ଶୁଣିବାକୁ ବସିଥିଲା ବେଳେ, ଗୃହ ବାହାରେ ଗାନ୍ଧୀ ଫଟୋ ରଖି ଧାରଣାରେ ବସିଥିଲେ ବହୁ କ୍ଷତିଗ୍ରସ୍ତ ହିତାଧିକାରୀ ଓ ନେତୃବୃନ୍ଦ। ଆହୁରି ମଧ୍ୟ ଏହି ଧାରଣାକାରୀମାନେ ମାଇକ୍ ଲଗାଇ ବ୍ଲକ୍ ତଥା ଜିଲ୍ଲାପ୍ରଶାସନର ଦୁର୍ନୀତି ବିରୁଦ୍ଧରେ ଗର୍ଜନ କରୁଥିଲେ। ସେମାନଙ୍କ ଯୁକ୍ତି ଥିଲା ଏହି ଜିଲ୍ଲାରେ ବିକଳାଙ୍ଗ ମାନଙ୍କୁ ଭତ୍ତା ମିଳୁନି, ବୟସ୍କ ବୃଦ୍ଧବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁନି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଚୟନ କରୁଥିବା ଅଧିକାରୀମାନେ ହଜାର ହଜାର ଟଙ୍କା ଲାଞ୍ଚ ନେଇ ପ୍ରକୃତ ହିତାଧିକାରୀଙ୍କୁ ହତାଦାର କରିବା, ରାସନ କାର୍ଡରେ ପ୍ରକୃତ ଗରୀବଙ୍କୁ ଉପେକ୍ଷା କରିବା ଆଦି ବିଭିନ୍ନ ପ୍ରକାର ଦୂର୍ନୀତି ସମ୍ପର୍କରେ ଗର୍ଜନ କରୁଥିଲେ। ଧାରଣାକାରୀମାନେ ପ୍ରାୟ ଏକ ପ୍ରକାର ଧରିନେଇଥିଲେ ଯେ ଆଜିର ଏହି ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ସମେତ ଜିଲ୍ଲାର ସମସ୍ତ ପଦାଧିକାରୀ ଓ ବ୍ଲକ୍ ସ୍ତରୀୟ ସମସ୍ତ ପଦାଧିକାରୀ ଯୋଗଦେବେ। ସେମାନଙ୍କ ସମ୍ମୁଖରେ ଆମ୍ଭେ ଜଗତସିଂହପୁର ଜିଲ୍ଲାରେ ଚାଲିଥିବା ଖୋଲା ଦୁର୍ନୀତିର ତଥ୍ୟ ପ୍ରଦାନ କରିବୁ। ତେବେ ସେ ଯାହା ହେଉ ପୂର୍ବ ସୂଚନାନୁଯାୟୀ ୭୨ଜଣ ବ୍ୟକ୍ତିଙ୍କ ଠାରୁ ପ୍ରଶାସନ ସେମାନଙ୍କ ସମସ୍ୟା ସମ୍ପର୍କରେ ଶୁଣି ତାହାର ପ୍ରତିକାର ପାଇଁ ବ୍ୟବସ୍ଥା କରିଥିବା ଶୁଣିବାକୁ ମିଳିଥିଲା। ଅନ୍ୟ ପକ୍ଷରେ ଜିଲ୍ଲା ପ୍ରଶାସନକୁ ଯେଉଁ ମୁହାଁମୁହିଁ ମାଇକ ସାହାଯ୍ୟରେ ଜବାବ ଦେବାକୁ ଧାରଣା କାର୍ଯ୍ୟକ୍ରମ କରାଯାଇଥିଲା ସେଥିରେ ମୁଖ୍ୟତଃ ଚିକିଣିଆ ଗ୍ରା.ପ.ର ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ସେଠୀ, ସ୍ୱାଧିକାର ଖବରକାଗଜର ରଘୁନାଥପୁର ବ୍ଲକ ପ୍ରତିନିଧି ଜ୍ୟୋତି ରଂଜନ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବିଜନ ମହାପାତ୍ର, ଅଭୟ ସାମନ୍ତରାୟ, ସରପଞ୍ଚ ସରୋଜ କୁମାର ଦାସ, ସମିତିସଭ୍ୟ ମେହେବୁବ୍ ବେଗ୍, ଅକ୍ଷୟ ସାମନ୍ତରାୟ, ଶୈଳବାଳା ସ୍ୱାଇଁ, ସୁଜାତା ସେଠୀ, ମାନସ ନାୟକ, ସୁବଳ ପ୍ରଧାନ, ପ୍ରଭୁଦତ୍ତ ମହାନ୍ତି, ପ୍ରିୟରଞ୍ଜନ ସାହାଣି, ଜିଲ୍ଲାପରିଷଦ ସଦସ୍ୟ ଅଶୋକ ମହାରଣା, ପୂର୍ବତନ ସମିତି ସଭ୍ୟ ଚୌଧୁରୀ ଇନ୍ଦୁ ଭୁଷଣ ଲେଙ୍କାଙ୍କ ସହିତ କେତେକ ପୁରୁଷ ଓ ମହିଳା ଧାରଣାରେ ସାମିଲ ଥିବା ଦେଖିବାକୁ ମିଳିଥିଲା। ଆଜିର ଏହି ଜନଶୁଣାଣି ଶିବିରର ଶେଷରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ କେଶରୀ ଦାସ ଧାରଣା ସ୍ଥଳରେ ପହଞ୍ଚି ଖୁବ ଶିଘ୍ର ଆଲୋଚନା ମାଧ୍ୟମରେ ଆନ୍ଦୋଳନକାରୀଙ୍କ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶୃତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବୀମାଭୁକ୍ତ ହେବେ ବିପିୟୁଟି ଛାତ୍ରଛାତ୍ରୀ

**ଭୁବନେଶ୍ୱର :** ବୀମାଭୁକ୍ତ ହେବେ ବିପିୟୁଟି ଛାତ୍ରଛାତ୍ରୀ। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ନୂଆବର୍ଷରେ ଛାତ୍ରଛାତ୍ରୀଙ୍କୁ ଏଭଳି ଭେଟି ଦେବାକୁ ଯାଉଛି। ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ଯୋଜନାରେ ୨୦୧୮-୧୯ ଶିକ୍ଷାବର୍ଷରୁ ଏହି ସୁବିଧା ଲାଗୁ ହେବ। ପ୍ରଥମବର୍ଷ ପାଖାପାଖି ୩୫ ହଜାର ଛାତ୍ରଛାତ୍ରୀ ଏହାର ଲାଭ ପାଇବେ। ପରବର୍ତ୍ତୀ ପର୍ଯ୍ୟାୟରେ ବିପିୟୁଟି ଅଧୀନରେ ଥିବା ୧୫୦ଟି କଲେଜର ପ୍ରାୟ ୧ଲକ୍ଷ ଛାତ୍ରଛାତ୍ରୀ ଏହାର ଫାଇଦା ପାଇବେ ବୋଲି ବିପିୟୁଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିପିୟୁଟିରେ ପଢୁଥିବା ଛାତ୍ରଛାତ୍ରୀଙ୍କର ବାପା କିମ୍ବା ପଢ଼ିବା ପାଇଁ ଟଙ୍କା ଦେଉଥିବା ଅଭିଭାବକଙ୍କ ମୃତ୍ୟୁ ପରେ ବୀମାରୁ ଲାଭ ନେଇହେବ। ଫଳରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଅଧାରୁ ବନ୍ଦ ନହୋଇ ଜାରି ରହିବ। ତେବେ ସମ୍ପୃକ୍ତ ବୀମା କମ୍ପାନୀ ଛାତ୍ରଛାତ୍ରୀଙ୍କ ଫି' ବାବଦରେ ବିଶ୍ୱବିଦ୍ୟାଳୟକୁ ଅର୍ଥ ଯୋଗାଇବେ। ଆଗାମୀ ଦିନରେ ବିପିୟୁଟି ଅଧୀନରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ ବୀମାଭୁକ୍ତ ହେବେ। ୨୦୧୭-୧୮ ଶିକ୍ଷାବର୍ଷରେ ବିଟେକ୍‌ରେ ୧୨ହଜାର ୬୦୨ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ବିଟେକ୍ ଲାଟେରାଲ୍ ଏଣ୍ଟ୍ରିରେ ୯ ହଜାର ୩୯୮, ଏମଟେକ୍‌ରେ ୧୨୦୨, ବିଫାର୍ମରେ ୧୨୭୮, ବିଫାର୍ମ ଲାଟେରାଲ୍ ଏଣ୍ଟ୍ରିରେ ୧୩୪, ଏମ୍‌ଫାର୍ମରେ ୩୬୨, ବିଆର୍କରେ ୧୧୯, ଏମ୍ ଆର୍କରେ ୭, ବି ପ୍ଲାନ୍‌ରେ ୪୫, ଏମ୍ ପ୍ଲାନ୍‌ରେ ୧୫, ଏମ୍‌ବିଏରେ ୪ ହଜାର ୧୮୯, ଆଇଏମ୍‌ବିଏରେ ୧୨୦, ପାର୍ଟଟାଇ ମ୍ ଏମ୍‌ବିଏରେ ୯, ଏମ୍‌ସିଏରେ ୬୪୯, ଏମସିଏ ଲାଟେରାଲ୍ ଏଣ୍ଟ୍ରିରେ ୭୯୬, ଏମ୍‌ଏସ୍‌ସିରେ ୯୯ ଓ ଆଇଏମ୍‌ଏସ୍‌ସିରେ ୩୦ଜଣ ନାମ ଲେଖାଇଛନ୍ତି। ଆଗାମୀ ଦିନରେ ଉପରୋକ୍ତ ସମସ୍ତ ବିଭାଗର ଛାତ୍ରଛାତ୍ରୀ ବୀମାଭୁକ୍ତ ହେବେ। ଛାତ୍ରଛାତ୍ରୀଙ୍କୁ ବୀମାଭୁକ୍ତ କରିବା ପାଇଁ ଆଗ୍ରହୀ ବୀମା କମ୍ପାନୀ ସହିତ ଆସନ୍ତା ୧୫ରେ ଆଲୋଚନା ହେବ। ଆସନ୍ତା ୩୧ ତାରିଖ ଅପରାହ୍ଣ ୨ଟା ସୁଦ୍ଧା କମ୍ପାନୀଗୁଡିକ ଟେଣ୍ଡର ଦାଖଲ କରିବେ। ସେହିଦିନ ରାଉରକେଲା ଛେଣ୍ଡସ୍ଥିତ ବିପିୟୁଟି ବୋର୍ଡ ରୁମ୍‌ରେ ଟେଣ୍ଡର୍ ଖୋଲାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ପାରାଦୀପ ପୌର ପରିଷଦ ଉପନିର୍ବାଚନ ତାତି

# ପ୍ରାର୍ଥୀପତ୍ର ଦାଖଲ କଲେ ୩ ପ୍ରମୁଖ ଦଳ





**ପାରାଦୀପ :** ପାରାଦୀପ ପୌର ପାଳିକାର ୬ନମ୍ବର ୱାର୍ଡରେ ହେବାକୁ ଥିବା ଉପନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଗତ ଡିସେମ୍ବର ୨୬,୨୭,୨୮ ତାରିଖ ୩ଦିନ ପାଇଁ ଏହି ପ୍ରାର୍ଥୀପତ୍ର ଦାଖଲର ସମୟ ସୀମା ଥିଲା । ତେବେ ପ୍ରଥମ ଦିନରେ କେହି ପ୍ରାର୍ଥୀପତ୍ର ଦାଖଲ କରିନଥିଲାବେଳେ ଦ୍ୱିତୀୟ ଦିନ ଅର୍ଥାତ ୨୭ତାରିଖ ଦିନ ବିଜେଡି ଓ ବିଜେପି ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରାଯାଇଥିବା ବେଳେ ୨୮ ତାରିଖ ତୃତୀୟ ଶେଷ ଦିବସରେ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରାଯାଇଛି । ଗତ ବୁଧବାର ପୂର୍ବାହ୍ନ ୧୧ଟାରେ ବିଜେଡି ପକ୍ଷରୁ ପାରାଦୀପ ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀଙ୍କ ସହ ଦଳୀୟ ପ୍ରାର୍ଥିନୀ ରସ୍ମିତା ଦାସ ଏକ ବିରାଟ ଶୋଭାଯାତ୍ରାରେ ଯାଇ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାଚନ ଅଧିକରୀଙ୍କ ପାଖରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସେହିପରି ବିଜେପି ପକ୍ଷରୁ ପ୍ରାର୍ଥୀନୀ ଗାୟତ୍ରୀ ନାୟକ ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲ୍ଲାଉପସଭାପତି ଅଜିତ ଦାସ, ମଣ୍ଡଳ ସଭାପତି କୈଳାସ ସାହୁ ଓ ବରିଷ୍ଠ ଭାଜପା ନେତା ନିର୍ମଳ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଯାଇ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଗୁରୁବାର ନାମାଙ୍କନପତ୍ର ଦାଖଲର ଶେଷ ଦିବସରେ କଂଗ୍ରେସ ଦଳ ପକ୍ଷରୁ କଳ୍ପନା ବେହେରା ଏକ ମୋଟରସାଇକେଲ ସୋଭାଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ ଏବଂ ସେଠାରେ କଂଗ୍ରେସ ନେତା ଅରିନ୍ଦମ ସାର୍ଖେଲ (ବାପି) ଉପସ୍ଥିତ ଥିଲେ । ଏଠାରେ ପ୍ରକାସଥାଉକି ଗତ ମେ ମାସ ୩୦ତାରିଖରେ ୧୮୭୯ ଭୋଟର ସଂଖ୍ୟା ବିଶିଷ୍ଟ ଏହି ୬ନଂର ୱାର୍ଡର କାଉନସିଲର ମଞ୍ଜୁଲତା ଜେନାଙ୍କ ମୃତ୍ୟୁ ଘଟିଥିବାରୁ ଏହି ସ୍ଥାନ ଖାଲି ପଡିଥିଲା । ତେବେ ଦୀର୍ଘ ୭ମାସ ପରେ ଏହି ନିର୍ବାଚନ ଆସନ୍ତା ଜାନୁଆରୀ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ତେବେ ଏବେ ଠାରୁ ନିର୍ବାଚନର ଉଷ୍ମତା ବା ତାତି ପାରାଦୀପରେ ଅନୁଭୁତ ହେବାକୁ ଲାଗିଲାଣି ।

# ସତ୍ୟନଗରରେ ହେବ କୃତ୍ରିମ ହ୍ରଦ



## ଜାନୁଆରୀରୁ କାର୍ଯ୍ୟ ଆରମ୍ଭ


**ଭୁବନେଶ୍ୱର :** ସ୍ମାର୍ଟସିଟି ସୌନ୍ଦର୍ଯ୍ୟକରଣ ପ୍ରକଳ୍ପରେ ଅନେକ ନୂତନ ଯୋଜନା କରାଯାଇଛି। ଏଥିରେ ସତ୍ୟନଗରରେ କୃତ୍ରିମ୍ ହ୍ରଦ 'ଲେକ୍ ଜୋନ୍' ନିର୍ମାଣ ହେବ। ଏଥିପାଇଁ ୪୭ କୋଟି ଟଙ୍କା ଖର୍ଚ୍ଚ ହେବ। ବର୍ତ୍ତମାନ ଜନପଥକୁ ଲାଗି ରହିଥିବା ମଇଳାଭର୍ତ୍ତି ଡ୍ରେନେଜ୍ ଚ୍ୟାନେଲ୍‌କୁ ପୁନରୁଦ୍ଧାର କରାଯାଇ ଏଠାରେ କୃତ୍ରିମ ହ୍ରଦ ନିର୍ମାଣ କରାଯିବାର ଯୋଜନା ରହିଛି। ସମୁଦାୟ ୩୦ ଏକର ପରିମିତ ଅଞ୍ଚଳରେ ଏହି କୃତ୍ରିମ ହ୍ରଦ ନିର୍ମାଣ ହେବ। ଆସନ୍ତା ଜାନୁଆରୀରୁ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଡିଏ ତରଫରୁ କୁହାଯାଇଛି। ନିକୋ ପାର୍କ ଅଞ୍ଚଳରେ ଲେକ୍ ଜୋନ୍-୧ ଓ ୨ ନିର୍ମାଣ ଚାଲିଥିଲା ବେଳେ ସତ୍ୟନଗର କାଳୀମନ୍ଦିର ନିକଟ ଜବରଦଖଲ ଜାଗାକୁ ମୁକ୍ତ କରାଯାଇ ସେଠାରେ ଲେକ୍ ଜୋନ୍-୩ ନିର୍ମାଣ କରାଯିବ। ଏଥିପାଇଁ ଟେଣ୍ଡର୍ ହୋଇସାରିଛି। ହ୍ରଦ ନିକଟରେ ସାଇକେଲ୍ ଟ୍ରାକ୍ ଓ ପଥଚାରୀଙ୍କ ପାଇଁ ରାସ୍ତା ରହିବ। ଜନପଥରୁ ରେଳ ଲାଇନ୍ ପର୍ଯ୍ୟନ୍ତ ଏହି ଲେକ୍ ଜୋନ୍ ନିର୍ମାଣ ହେବ। ସ୍ମାର୍ଟ ଜନପଥରେ ଏହି ଯୋଜନା ପାଇଁ ପ୍ରସ୍ତାବ ଥିଲା ବେଳେ ଏହାକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ସେହିପରି ଏଜି ଛକରେ ଥିବା ଇନ୍ଦିରା ଇଂଲିଶ ମିଡିୟମ୍ ସ୍କୁଲର ଜବରଦଖଲ ଅଞ୍ଚଳକୁ ଉଚ୍ଛେଦ କରାଯାଇ ଏହି ସ୍ଥାନରେ ଅର୍ବାନ ମ୍ୟୁଜିୟମ୍ କରାଯିବ। ଏହି ମ୍ୟୁଜିୟମ୍‌ରେ ଭୁବନେଶ୍ୱରର ସାମଗ୍ରିକ ଇତିହାସ ସ୍ଥାନ ପାଇବ। କଳିଙ୍ଗ ଯୁଦ୍ଧ ଠାରୁ ଆରମ୍ଭ କରି ସ୍ମାର୍ଟ ସିଟି ପର୍ଯ୍ୟନ୍ତ ଯାତ୍ରା ଏଥିରେ ସ୍ମାରକୀ ରୂପେ ସ୍ଥାନ ପାଇବ। ଭୁବନେଶ୍ୱରରେ ବୌଦ୍ଧ ଧର୍ମର ପ୍ରସାର, ଲିଙ୍ଗରାଜ ମନ୍ଦିର ଭଳି ସ୍ଥାପତ୍ୟ କଳା ସହ ପାରମ୍ପରିକତା ଓ ଆଧୁନିକତାର ସମ୍ମିଶ୍ରଣ ଏହି ଅର୍ବାନ ମ୍ୟୁଜିୟମ୍‌ରେ ଦେଖିବାକୁ ମିଳିବ। ଅର୍ବାନ ମ୍ୟୁଜିୟମ୍ ପାଇଁ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖାଯାଇଛି। ସାଧାରଣ ପ୍ରଶାସନ ବିଭାଗ ଜମି ଯୋଗାଇଦେଲେ ଖୁବ୍ ଶୀଘ୍ର ଅର୍ବାନ ମ୍ୟୁଜିୟମ୍ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାଯାଇଛି।

# ଖୋଲା ଆକାଶରେ ଉଡିବାକୁ ଚାହୁଁଥିବା କିଛି ଡଙ୍ଗରିଆ ଝିଅ

**ରାୟଗଡା,(ଅମୂଲ୍ୟ ନିଶଙ୍କ) :** ବିକାଶ ଯାହାଙ୍କ ପାଇଁ ଥିଲା ସାତ ସପନ । ସେମାନଙ୍କ ମୁହଁରେ ଏବେ ଆସିଛି ହସ । ଯେଉଁଠାରେ ପାଠ ପଢିବା ଦିବାସ୍ୱପ୍ନ ଏବଂ ବଞ୍ଚିବା ପାଇଁ ଜୀବନ ସହ ଅହରହ ସଂଘର୍ଷ କରିବାକୁ ପଡେ ସେହିଭଳି ସ୍ଥାନରେ ରହି ସଫଳତା ପାଇବା ଯେ କେତେ କଷ୍ଟକର ତାହା ଦର୍ଶାଇଛନ୍ତି ନିୟମଗିରିରେ ପାହାଡ ପାଦଦେଶରେ ବାସ କରୁଥିବା ୧୪ ଜଣ ଡଙ୍ଗରିଆ ଯୁବତୀ । ଆଉ ଡଙ୍ଗରିଆ କନ୍ଧଙ୍କ ପାଇଁ ଏମାନେ ପାଲଟିଯାଇଛନ୍ତି ଆଶାର କିରଣ । ଅନ୍ଧାରୀ ଜଗତକୁ ଆଲୋକିତ କରିଥିବା ଯୁବତୀମାନେ ଏବେ ପୁରା ଡଙ୍ଗରିଆ କନ୍ଧ ସମୁଦାୟ ପାଇଁ ପ୍ରେରଣା ପାଲଟିଯାଇଛନ୍ତି । ଶିକ୍ଷା ହିଁ ପରିବର୍ତ୍ତନର ଏକମାତ୍ର ମାଧ୍ୟମ ତାହା ସମସ୍ତଙ୍କୁ ଜଣାଇ ଦେଇଛନ୍ତି ଏହି ଯୁବତୀମାନେ । ଅନ୍ଧକାର ଜଗତରୁ ଆଲୋକିତ ସମାଜକୁ ଆସିବା ପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଏବେ ଏହା ଭଲ ଭାବେ ବୁଝି ସାରିଲେଣି ଡଙ୍ଗରିଆ କନ୍ଧ ସମୁଦାୟ । ଆଉ ଏହାର ବିଗୁଲ ବାଜି ସାରିଲାଣି ଡଙ୍ଗରିଆ କନ୍ଧଙ୍କ ମନରେ । ସଭ୍ୟ ଓ ଶିକ୍ଷିତ ସମାଜ ସହ ତାଳ ଦେଇ ଚାଲିବାକୁ ଡଙ୍ଗରିଆ କନ୍ଧ ମନ ବଳାଇ ସାରିଲେଣି । ଆଉ ଏହାର ନିଚ୍ଛକ ଉଦାହରଣ ହେଉଛନ୍ତି ୧୪ ଡଙ୍ଗରିଆ କନ୍ଧ ଯୁବତୀ । ମହିଳା ସଶକ୍ତୀକରଣର ଆଉ ଏକ ଝଲକ ଦେଖିବାକୁ ମିଳିଛି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟଙ୍କ କ୍ଷେତ୍ରରେ । ଝିଅମାନେ କେବଳ ଯେ ଘର କାମ କରିବେ ଏହି ଚିନ୍ତାଧାରା ଡଙ୍ଗରିଆ କନ୍ଧଙ୍କ ମନରୁ ଦୂର ହୋଇସାରିଛି । ଏହାର ଉଦାହରଣ ଭାବେ ଉଭା ହୋଇଛନ୍ତି ହୁନଦାଦୀ କଦ୍ରକା । ନିୟମଗିରି ପାହାଡର ରେଲିମା ଭଳି ଦୁର୍ଗମ ଗାଁର ୨୭ ବର୍ଷୀୟା ମହିଳା ହୁନଦାଦିଙ୍କ ସଂସାର। ୩ଟି ସନ୍ତାନ ଓ ସ୍ୱାମୀଙ୍କୁ ନେଇ ହୁନଦାଦି ଜଣେ । ହୁନଦାଦିଙ୍କ ସ୍ୱାମୀ ପେସାରେ ଜଣେ ଚାଷୀ । ଶିକ୍ଷା ବିଷୟରେ ସେତେଟା ଜ୍ଞାନ ନାହିଁ । କିନ୍ତୁ ନିଜ ୮ ବର୍ଷର ଝିଅ ମୋମିତାକୁ ପାଠ ପଢିବା ପାଇଁ ପ୍ରାଥମିକ ସ୍କୁଲକୁ ଯିବାକୁ ପ୍ରେରଣା ଦେଇଥିଲେ । ତେବେ ଏହି ନିଷ୍ପତ୍ତି ପୁରା ପରିବାର ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । କାରଣ ପୂର୍ବରୁ ହୁନାଦାଦିଙ୍କ ପରିବାରରୁ କେହି ମଧ୍ୟ ସ୍କୁଲର ମୁହଁ ଦେଖି ନଥିଲେ । ଓଡିଶାର ଆଦିମ ଏବଂ ପଛୁଆ ଆଦିବାସୀ ମାନଙ୍କ ମଧ୍ୟରେ କଦ୍ରକାର ଡଙ୍ଗରିଆ କନ୍ଧ ଅନ୍ୟତମ । ୨୦୧୧ ଜନ ଗଣନା ଅନୁସାରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ପ୍ରାୟ ୮୦୦୦ । ଯେଉଁଥିରେ ସାକ୍ଷରତା ହାର ମାତ୍ର ୧୦ ପ୍ରତିଶତ ଏବଂ ମହିଳାଙ୍କ ସାକ୍ଷରତା ୩ ପ୍ରତିଶତ, ଯାହା ଖୁବ ନିରାଶଜନକ । ହୁନଦାଦି କଦ୍ରକାଙ୍କ କହିବା ଅନୁଯାୟୀ, ମୋମିତାକୁ ସ୍କୁଲକୁ ପଠାଇବାକୁ ପ୍ରଥମେ ସେ ରାଜି ହୋଇନଥିଲେ । କାରଣ ହୁନଦାଦି କାଦ୍ରକା ଓ ତାଙ୍କ ସ୍ୱାମୀ ପ୍ରତିଦନ କ୍ଷେତରେ କାମ କରୁଥିଲେ । ତେଣୁ ମୋମିତା ଯଦି ପାଠ ପଢିବାକୁ ସ୍କୁଲକୁ ଯାଏ ତେବେ ଘର କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହ ଅନ୍ୟ ପିଲାଙ୍କ ଦେଖାଶୁଣା କରିବାରେ ଅସୁବିଧା ଦେଖାଦେବ ବୋଲି ହୁନଦାଦି କଦ୍ରକା ଭାବୁଥିଲେ। ଯେଉଁମାନେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଏପରିକି ସେହି ୧୪ ଜଣ ଝିଅଙ୍କ ଉଦାହରଣ ଦେଇ ସନି କଦରକା କହିଥିଲେ ଯଦି ସେମାନେ ଏପରି କରି ପାରୁଛନ୍ତି ତେବେ ଆମ ଝିଅ କାହିଁକି ସଫଳତା ପାଇବ ନାହିଁ । ଏହାଦ୍ୱାରା ସେମାନେ ସଭ୍ୟ ଏବଂ ସମ୍ମାନଜନକ ଜୀବନ ବଞ୍ଚିପାରିବ । ବାସ ଏଇ ଗୋଟିଏ କଥା ହୁନଦାଦିଙ୍କ ମନ ପରିବର୍ତ୍ତନ କରିଥିଲା । ମୋମିତାଙ୍କ ସ୍କୁଲ ଯିବା ପାଇଁ ବାଟ ଫିଟିଥିଲା । ହୁଦାଡିଙ୍କ ସ୍ୱାମୀ ସନି କଦ୍ରକ ୧୪ ଜଣ ଝିଅଙ୍କ ବିଷୟରେ କହିଥିଲେ ଯେଉଁମାନେ ପ୍ରଥମ ଥର ପାଇଁ ତାଙ୍କ ପଛୁଆ ସଂପ୍ରଦାୟରୁ ବାହାରି ଏ ବର୍ଷ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବାକୁ ପ୍ରୟାସ ଜାରି ରଖିଥିଲେ ଏବଂ ଏକ ଇତିହାସ ସୃଷ୍ଟି କରିଥିଲେ । ଯଦିଓ ଏହି ସଂପ୍ରଦାୟର ପୁଅମାନେ ସବୁବେଳେ ଏହାକୁ ଜାରି ରଖିଥାନ୍ତି । କିନ୍ତୁ ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ଝିଅ ଦଶମ ପରୀକ୍ଷାରେ ପାସ ହୋଇଥିଲେ, ଯାହା ସେମାନଙ୍କ ପାଇଁ ଗର୍ବ ଏବଂ ଗୌରବର ବିଷୟ । ଯଦିଓ ସାରା ଦେଶ ସହିତ ତୁଳନା କଲେ ଏହା କମ ହେବ ତଥାପି ଏହା ଏହି ସଂପ୍ରଦାୟ ପାଇଁ କିଛି କମ୍ ନ ଥିଲା । ଯେଉଁଠାରେ ସେମାନେ ପୁରୁଣା ଖିଆଲକୁ ପଛରେ ପକାଇ ଏକ ନୂତନ ସୂର୍ଯ୍ୟକିରଣକୁ ଆହ୍ୱାନ କରିପାରିଥିଲେ । ଜିଲ୍ଲା ସ୍କୁଲ ଅଧିକାରୀଙ୍କ କହିବା ଅନୁସାରେ ଏହି ୧୪ ଜଣ ଦଶମ ଶ୍ରେଣୀରେ ପାସ କରି ଇତିହାସ ରଚିବା ପରେ ପ୍ରାଥମିକ କକ୍ଷରେ ଝିଅଙ୍କର ନାମାଙ୍କନ ୧୫ ପ୍ରତିଶତକୁ ବଢିଥିଲା । ମୁଖ୍ୟ ସ୍ରୋତଠାରୁ ବହୁ ଦୂରରେ ବଣ ଜଙ୍ଗଲ ଭିତରେ ରହୁଥିବା ଡଙ୍ଗରିଆଙ୍କ ଭିତରେ ଶିକ୍ଷା ପ୍ରବେଶ କରିବା ପାଇଁ ସରକାର କରିଥିବା ଉଦ୍ୟମ ଫଳବତୀ ହେଉଛି । ସେପଟେ ଏହି ପିଲାମାନେ ହିଁ ତାଙ୍କ ଗାଁ ଓ ସମାଜରେ ପରିବର୍ତ୍ତନ ଆଣିବାର ଧାରା ସୃଷ୍ଟି କରିପାରିବେ ବୋଲି ଆଶା ରଖିଛି ଜିଲ୍ଲା ପ୍ରଶାସନ ।

ସେହି ୧୪ ଜଣ ଛାତ୍ରୀଙ୍କ ମଧ୍ୟରେ ପୂର୍ଣ୍ଣିମା ହୁକା ଅନ୍ୟତମ । ଚଳିତବର୍ଷ ଦଶମ ପରୀକ୍ଷାରେ ୭୭ ପ୍ରତିଶତ ନମ୍ବର ରଖି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ଏବେ ସେ ରାୟଗଡା ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ବିଜ୍ଞାନ ବିଷୟରେ ପାଠ ପଢୁଛନ୍ତି । ପୂରା ଡଙ୍ଗରିଆ କନ୍ଧ ସମୁଦାୟ ପାଇଂ ପ୍ରେରଣା ପାଲଟିଥିବା ପୂର୍ଣ୍ଣିମା କହିଛନ୍ତି, ଗଣିତ ତାଙ୍କର ପ୍ରିୟ ବିଷୟ ଓ ଭବିଷତ୍ୟରେ ଅଧାପିକା ହେବାକୁ ଲକ୍ଷ୍ୟ ରଖିଛନ୍ତି । ପୂର୍ଣ୍ଣିମା ଏହି ସଫଳତା ପାଇବାକୁ ଅନେକ କଷ୍ଟ କରିଛନ୍ତି । ନିୟମଗିରିର ପୂର୍ଣ୍ଣିମା ମାତ୍ର ୭ ବର୍ଷର ହୋଇଥିବା ବେଳେ ବାପା ମା ତାଙ୍କୁ କାନସୁରରେ ମହିଳାଙ୍କ ପାଇଂ ଉଦ୍ଦିଷ୍ଟ ଥିବା ବିଦ୍ୟାଳୟରେ ଛାଡିଥିଲେ । ଆଉ ଏହାପରେ ଆଉ ପଛକୁ ଚାହିଁନଥିଲେ ପୂର୍ଣ୍ଣିମା । ଗୋଟିଏ ପରେ ଗୋଟିଏ ସଫଳତାର ସିଡି ଚଢିବା ସହ ଡଙ୍ଗରିଆ କନ୍ଧଙ୍କ ପାଇଁ ଏବେ ପ୍ରେରଣା ପାଲଟିଛନ୍ତି । ମୁକିନ୍ଦା ଗାଁରେ ରହୁଥିବା ପିଙ୍କି କଣ୍ଡାଗରିଆ, କାନ୍ସୁର ବିଦ୍ୟାଳୟର ଅନ୍ୟତମ ସଫଳତମ ଛାତ୍ରୀ । ଦଶମ ଶ୍ରେଣୀରେ ୬୦ ପ୍ରତିଶତ ମାର୍କ ରଖି ରାୟଗଡା ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଷୟରେ ଅଧ୍ୟୟନ କରୁଛନ୍ତି । ଭବିଷ୍ୟତରେ ଏକ ସଫ୍ଟୱେର ଇଂଜିନିୟର ହେବାକୁ ତାଙ୍କର ଇଚ୍ଛା । ରାୟଗଡା କଲେକ୍ଟରଙ୍କ କହିବା ଅନୁସାରେ ଏହା ଏଭଳି ସଂପ୍ରଦାୟ ଯେଉଁଠାରେ ଝିଅକୁ ଘରେ ଏବଂ ବାହାରେ କାମ କରିବାକୁ କୁହାଯାଏ ଏବଂ କମ ବୟସରୁ ବିବାହ କରିଦିଆଯାଏ । ତାଛଡା ଏଠାରେ ଶିଶୁ ଏବଂ ମାତୃ ମୃତ୍ୟୁହାର ସବୁଠାରୁ ଅଧିକ । ଏଭଳି ସ୍ଥାନରେ ଶିକ୍ଷାପାଇଁ ଝିଅମାନେ ଆଗକୁ ଆସିବା ନିହାତି ଏକ ଖୁସିର ବିଷୟ । ଏଠାରେ ପିଲାଙ୍କୁ ସ୍କୁଲ ପଠାଇବା ପାଇଁ ବାପା ମାଙ୍କୁ ବୁଝାଇବା ଖୁବ କଷ୍ଟସାଧ୍ୟ । ତେବେ ତାଙ୍କ କହିବା ଅନୁସାରେ ଏ ବର୍ଷ ୧୪ ଜଣଙ୍କ ମଧ୍ୟରୁ ୪ ଜଣ ଉଚ୍ଚତର ଶିକ୍ଷାକୁ ଛାଡି ଦେଇଛନ୍ତି । ଏମାନଙ୍କ ମଧ୍ୟରୁ ପିଙ୍କି କଣ୍ଡାଗରୀ ଜଣେ, ୪୭ ପ୍ରତିଶତ ସଂଖ୍ୟା ରଖି ଉତୀର୍ଣ୍ଣ ହୋଇଥିଲେ କିନ୍ତୁ ତାଙ୍କୁ ମଧ୍ୟ ଅଧାରୁ ପାଠ ଛାଡିବାକୁ ପଡିଥିଲା । ପିଙ୍କିଙ୍କ କହିବା ଅନୁଯାୟୀ, ବାପା ମାଙ୍କୁ କାମରେ ସାହାର୍ଯ୍ୟ କରିବାକୁ ସେ ପାଠ ପଢା ଛାଡି ଦେଇଛନ୍ତି । ତେବେ ଏଠାରେ ୧୪ ଜଣ ଛାତ୍ରୀ ଏକାସାଙ୍ଗରେ ମାଟ୍ରିକ ପରୀକ୍ଷାରେ ପାସ୍ କରିବା ପରେ ଏବେ ସ୍ଥାନୀୟ ଅଞ୍ଚଳରେ ଉଚ୍ଚଶିକ୍ଷା ପାଇଁ ଛାତ୍ରୀ ମାନେ ଆଗ୍ରହ ପ୍ରକାଶ କରୁଛନ୍ତି । ସାଧାରଣତଃ ଏଠାରେ ଅଧିକାଂଶ ବାପା ମା ପାଠ ପଢିବାକୁ ଝିଅଙ୍କୁ ବାହାରକୁ ପଠାଇବାକୁ ଚାହାନ୍ତି ନାହିଁ । କିନ୍ତୁ ଏବେ ଏହି ମନୋବୃତିରେ ପରିବର୍ତନ ଆଣିଛନ୍ତି ବିଷମ କଟକ ସୁବର୍ଣ୍ଣା ଜେକ୍ସିକ । ଦଶମ ପରୀକ୍ଷାରେ ୪୩ ପ୍ରତିଶତ ନମ୍ବର ରଖିଥିଲେ ମଧ୍ୟ ତାଙ୍କ ବାପା ମାଙ୍କର ଇଚ୍ଛା ଥିଲା ସୁବର୍ଣ୍ଣା ଅଧିକ ପଢନ୍ତୁ ଓ ଆଗକୁ ବଢନ୍ତୁ । ଏପରିକି ସୁବର୍ଣ୍ଣା ନିଜ ଶିକ୍ଷକଙ୍କ ଦ୍ୱାରା ସହାୟତା ପାଇ ସେ ରାୟଗଡା ସରକାରୀ ଆଇଟିଆଇ କଲେଜରେ ପ୍ରବେଶ କରିବାରେ ସଫଳ ହୋଇପାରିଥିଲେ । ମାତ୍ର ଛଅ ମାସ ମଧ୍ୟରେ ସେ ନିଜକୁ ପ୍ରମାଣିତ କରି ପାରିଥିଲେ । ତାଙ୍କର ଏଭଳି ପରିବର୍ତନ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଏକ ବିରାଟ ଅନ୍ଧକାର ପରେ ଆଲୋକର ବତୀ ଜଳିଛି ଏବଂ ଏହି ସଂପ୍ରଦାୟରେ ଏକ ବିରାଟ ପରିବର୍ତ୍ତନ ଦେଖାଦେଇଛି । ଯାହା ଶିକ୍ଷା କ୍ଷେତ୍ରରେ ଏକ ନୂତନ ଆଶା ସୃଷ୍ଟି କରିଛି।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସମ୍ପାଦକୀୟ..

## ବେଳହୁଁ ସାବଧାନ ଭଲ

ବୌଦ୍ଧିକ ଓ ଆଧ୍ୟାତ୍ମିକ ଚେତନତାକୁ ବାଦ୍ ଦେଇ ସାମାଜିକ ଶୃଙ୍ଖଳା ବଜାୟ ରଖିବା ଅତ୍ୟନ୍ତ କଷ୍ଟଦାୟକ। କେବଳ ଯେ ସଭ୍ୟତାର ବିକାଶ ଘଟିଲେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଆପଣାଛାଏଁ ଦୂରେଇ ଯିବ ଏହା ସମ୍ଭବ ନୁହେଁ। ଚରିତ୍ର ଗଠନ ମାଧ୍ୟମରେ ଶିଶୁଟିଏ ବିକଶିତ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଶୃଙ୍ଖଳା ଓ ମର୍ଯ୍ୟାଦା ରଖିବା କ୍ଷେତ୍ରରେ ସିଏ ଅଧିକ ସକ୍ରିୟ ହୋଇଥାଏ। ପିତା,ମାତା ବା ଅଭିଭାବକମା

# ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ଜୟୀ ରାଜଗୁରୁ



ଡକ୍ଟର ଧୀରେନ୍ଦ୍ର ନନ୍ଦ


*(ପୂର୍ବ ପ୍ରକାଶ ଉତ୍ତାରୁ...)*

ଗଡ ଗୁଡିକର ସୁରକ୍ଷା ପାଇଁ ଚତୁର୍ପାଶ୍ୱରେ ଅଧିକ ସଂଖ୍ୟକ ସୈନ୍ୟ ସହିତ ଯୁଦ୍ଧାସ୍ତ୍ର ନିୟୋଜନ କରାଗଲା। କୁଜଙ୍ଗ, କନିକା ଆଦି ଛୋଟ ଛୋଟ ରାଜ୍ୟର ଶାସକ ମାନଙ୍କୁ ଯୁଦ୍ଧ ସମୟରେ ସହଯୋଗ କରିବା ପାଇଁ ପ୍ରସ୍ତୁତ ରହିବାକୁ ଯୋଗାଯୋଗ କରାଗଲା। ଯୁଦ୍ଧରେ ସହଯୋଗ କରି ଇଂରେଜ ମାନଙ୍କୁ ପରାସ୍ତ କରିବା ପାଇଁ ନାଗପୁରର ମରହଟ୍ଟା ଶାସକଙ୍କୁ ଅନୁରୋଧ କରାଗଲା। ଯୁଦ୍ଧ କରିବାର ସମସ୍ତ କୌଶଳ ତଥା ସୂଚୀ ପ୍ରସ୍ତୁତ କରାଇବା ପାଇଁ ମରହଟ୍ଟାର ଶାସକ ନାଗପୁରରୁ ଆନ୍ତୋଜୀ ନାୟକଙ୍କୁ ଓଡିଶା ପଠାଇଲେ। ସେହି ସ୍ୱଳ୍ପ ସମୟ ବ୍ୟବଧାନରେ ଜୟୀରାଜଗୁରୁ ବ୍ରିଟିଶ୍ ଶାସନ ବିରୋଧରେ ଏକ ଦକ୍ଷ ଜାତୀୟତାବାଦୀ ନେତା ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ।

୧୮୦୪ ମସିହା ଅକ୍ଟୋବର ମାସ ଶେଷ ଆଡକୁ ବ୍ରିଟିଶ୍ ସୈନ୍ୟ ଖୋର୍ଦ୍ଧା ଆକ୍ରମଣ ପାଇଁ ଯୋଜନା କଲେ। ନଭେମ୍ବର ମାସ ୨୨ ତାରିଖରେ ପାଇକମାନେ ପିପିଲି ଏବଂ ଡେଲାଙ୍ଗ ଠାରେ ବ୍ରିଟିସ ସୈନ୍ୟଙ୍କୁ ପ୍ରବଳ ବିରୋଧ କରିଥିଲେ। ଏହି ପ୍ରତିରୋଧ ଏତେ ଭୟଙ୍କର ଥିଲା ଯେ, ବ୍ରିଟିଶ ସୈନ୍ୟମାନେ ସଂପୂର୍ଣ୍ଣ ଭୟଭିତ ହୋଇଯାଇଥିଲେ। ସେମାନେ ତାଙ୍କର ବେଙ୍ଗଲ୍ର ଦ୍ୱିତୀୟ ଏବଂ ସପ୍ତମ ବିଭାଗ ସହିତ ମାନ୍ଦ୍ରାଜର ସପ୍ତଦଶତମ ବାଟାଲିଅନ୍ର ୧୦,୦୦୦ ସୈନ୍ୟଙ୍କୁ ଏହି ଯୁଦ୍ଧରେ ନିୟୋଜନ କରିଥିଲେ, ଯାହାର ନେତୃତ୍ୱ ନେଇଥିଲେ ମେଜର୍ ଫ୍ଲେଚର୍, କର୍ଣ୍ଣେଲ୍ ହାର୍କୋର୍ଟ, କାପ୍ଟେନ ହିକ୍ଲାଣ୍ଡ୍ ଏବଂ ଷ୍ଟୋନର୍। ପାଇକମାନେ ଗଙ୍ଗପଡା, ତରତୁଆ ଏବଂ ଟାଙ୍ଗିଆପଡା ଠାରେ ଅତ୍ୟନ୍ତ ଦୃଢତାର ସହିତ ଇଂରେଜ ସୈନ୍ୟମାନଙ୍କୁ ପ୍ରତିରୋଧ କରିଥିଲେ। ଏହି ଯୁଦ୍ଧ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଭୟଙ୍କର ଥିବାରୁ ବ୍ରିଟିଶ ଅଧିକାରୀମାନେ ତିନି ସପ୍ତାହ ଧରି ଅଣନିଶ୍ୱାସୀ ହୋଇପଡିଥିଲେ। ଏହି ସମୟରେ ଜୟୀ ରାଜଗୁରୁ ମରହଟ୍ଟା ମାନଙ୍କର ସାମରିକ ସାହାଯ୍ୟ ନେବାପାଇଁ ବ୍ୟବସ୍ଥା କରିଥିଲେ, ମାତ୍ର ଦୁର୍ଭାଗ୍ୟବଶତଃ ଜୟୀ ରାଜଗୁରୁଙ୍କ ପତ୍ର ବାହକକୁ ଇଂରେଜମାନେ ସମ୍ବଲପୁରରୁ ଧରିନେଇ ଥିବାରୁ ଏହା ଫଳପ୍ରଦ ହୋଇ ନଥିଲା। ଇତି ମଧ୍ୟରେ ରାଜାଙ୍କର ନିରାପତା ଦୃଷ୍ଟିରୁ ଜୟୀ ରାଜଗୁରୁ ତାଙ୍କୁ ପୁରୀର ଗଙ୍ଗାମାତା ମଠକୁ କିଛି ଚୋରା ସତର୍କ ସୂଚନା ସହିତ ପଠାଇ ଦେଇଥିଲେ। ଜୟୀ ରାଜଗୁରୁଙ୍କ ବଳିଷ୍ଠ ଯୁଦ୍ଧ ପରିଚାଳନା ସତ୍ୱେ ଇଂରେଜ ସୈନ୍ୟ ବାହିନୀର ଅତ୍ୟାଧୁନିକ ଗୁଳିଗୋଳା ଏବଂ ଯୁଦ୍ଧାସ୍ତ୍ର ଯୋଗୁ ଶେଷରେ ଖୋର୍ଦ୍ଧା ଦୁର୍ଗର ଅବସାନ ଘଟିଥିଲା। ପରେ ଜୟୀ ରାଜଗୁରୁ ଜଙ୍ଗଲରେ ଲୁଚି ରହି ମଧ୍ୟ ପାଇକ ମାନଙ୍କୁ ସଂଗଠିତ କରି ଇଂରେଜ ମାନଙ୍କ ବିରୋଧରେ ତାଙ୍କର ସଂଗ୍ରାମ ଜାରୀ ରଖିଥିଲେ। ରଣପୁର ଜଙ୍ଗଲ ନିକଟରେ ପାଇକ ମାନଙ୍କୁ ଏକାଠି କରି ବ୍ରିଟିଶ ଶାସନ ବିରୋଧରେ ଅନ୍ୟ ଏକ ଷଡଯନ୍ତ୍ର କରୁଥିବା ବେଳେ ବିଶ୍ୱାସ ଘାତକତାର ଶୀକାର ହୋଇ ଜୟୀ ରାଜଗୁରୁ ୧୮୦୩ ମସିହା ଜାନୁୟାରୀ ୩ ତାରିଖରେ ଇଂରେଜ ମାନଙ୍କ ଦ୍ୱାରା ଧରାପଡି କଟକ ଜେଲରେ ରହିଥିଲେ। ଏହା ସତ୍ୟ ଯେ, କନିକାର ରାଜା ବଳଭଦ୍ର ଭଞ୍ଜ ଏବଂ କୁଜଙ୍ଗର ରାଜା ଚକ୍ରଧ୍ୱଜ ଷେଣ୍ଢ ଇଂରେଜ ସୈନ୍ୟଙ୍କୁ ବିରୋଧ କରିଥିଲେ ମଧ୍ୟ ତାଙ୍କ ସାମ୍ନାରେ ପରାଜୟ ସ୍ୱୀକାର କରିଥିଲେ। ଏହାପରେ ଐତିହାସିକ ଜଗନ୍ନାଥ ମନ୍ଦିରରେ ସମସ୍ତ ପୂଜାବିଧି ତଥା ଯାନିଯାତ୍ରାରେ ରାଜାଙ୍କର ନାମକୁ ହଟାଇ ଦିଆଯାଇଥିଲା, ଯାହାଥିଲା ଖୋର୍ଦ୍ଧା ଇତିହାସରେ ଏକ ଅନ୍ଧକାରର ଯୁଗ। ଖୋର୍ଦ୍ଧାଗଡକୁ ଜୟ କରିବା ପରେ ବ୍ରିଟିଶ୍ ମାନେ ବେଙ୍ଗଲ୍ ଓ ମାନ୍ଦ୍ରାଜ୍ ମଧ୍ୟରେ ରହିଥିବା ଓଡିଶାର ସମସ୍ତ ଅଂଚଳକୁ ଦଖଲ କରି ନେଇଥିଲେ।

*(କ୍ରମଶଃ...)*

ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୦୭୦୦୮୫୬୭୯୮୯
୯୪୩୭୧୩୩୭୭୭



# ଅମୁହାଁ ଦେଉଳ

ଉପନ୍ୟାସ
ଭାଗ-୧୩

ଡ. ମୌସୁମୀ ପରିଡ଼ା

**ତ**ନ୍ଦ୍ରା ବ୍ୟସ୍ତ ହୋଇପଡିଥିଲା ରେଣୁକାର ଅଚାନକ୍ ଅସୁସ୍ଥତାରେ। କ୍ୟାମ୍ପସ୍‌ରେ ଥିବା ହସ୍ପିଟାଲକୁ ଖୁବ୍ ଯତ୍ନ ସହକାରେ ନିଜ କାନ୍ଧରେ ଶୁଆଇ ନେଇଯାଇଥିଲା ତାକୁ। ସେମିତି କିଛି ମେଡିସିନ୍ ଦେଇ ଘରକୁ ଛାଡି ଦେଇଥିଲେ ଡାକ୍ତର ମହାଶୟ। ଗ୍ୟାସ୍ ମେଡିସିନ୍ ବି ଦେଇଛି ତାକୁ। ଇଲେକ୍ଟ୍ରୋସିପ୍ ବି ପିଆଇଛି। ତଥାପି କିଛି କାମ କରୁନି। ହଁ ଏମିତି ପ୍ରାୟ ଗୋଟେ ସପ୍ତାହ ସେ ଆସିନି କ୍ଲାସ୍‌କୁ। ସେଥିପାଇଁ ସବୁଦିନ ତାଙ୍କ ଘରକୁ ଯାଇ ତା ସହିତ କିଛି ସମୟ ଅତିବାହିତ କରି ଫେରିଛି ତନ୍ଦ୍ରା।

କଣ ହୋଇଛି ତାର ପଚାରିଲେ ଗୋଟେ ଉତର ତା ପାଖେ-ନାଇଁ ଟିକେ ୱିକ୍ ଲାଗୁଛି। ତୁ ତ ଜାଣୁ, ମୁଁ ଦିନରେ ପଢେନା କେବେ। ରାତିରେ ହିଁ ପଢେ ଅନିଦ୍ରା ହୋଇ। ସମୟ ଜାଣିହୁଏନା। ଆଗକୁ ଏକ୍‌ଜାମ୍ସ ଅଛି ତ..। ହୁଏତ ଅନିଦ୍ରା ଜନିତ କାରଣ ହୋଇପାରେ।

ହୋଇପାରେ ମାନେ କଣ ରେଣୁ? ଏମିତି ଦ୍ୱିଧାରେ ଥାଇ କଣ ଟ୍ରିଟ୍‌ମେଂଟ୍ ହୁଏ କି? ବିରକ୍ତି ପ୍ରକାଶ କରେ ତନ୍ଦ୍ରା।

ନାଇଁ, ସେଥିପାଇଁ ତ ରେଷ୍ଟ୍ ନେଉଛି! ଭଲ ଲାଗିଲାଣି। ଆଉ ମାତ୍ର ଦୁଇଦିନ ଭିତରେ ଫିଟ୍ ହୋଇଯିବି। ବ୍ୟସ୍ତ ହେବାର ନାହିଁ। ରେଣୁକା କଥାକୁ ବିଶ୍ୱାସ କରି ସେ କେତେକଣ ଗପିଚାଲିଛି ତା ଆଗରେ। ଏମିତିକି ଦେବଦାସ ସହିତ ବିତାଇଥିବା ନିତିଦିନର ଆଳାପ ଆଲୋଚନାକୁ ବି ଖୋଲି ଦେଇଛି କ୍ଲାସର ନୋଟ୍ ବୁକ୍ ପରି। ନିଜର ସବୁତକ ଆବେଗ ସୋରିଷ ବସ୍ତା ପରି ବୁଣି ହୋଇ ପଡିଛି ଏଣେତେଣେ। ରେଣୁକା ବି କେତେବେଳେ ନିଜେ ସୋରିଷ ପାଲଟିଯାଇଛି। ଏବଂ ଏକଜୁଟ କରିବାର ସମସ୍ତ ସାମର୍ଥ୍ୟ ଓ ସୁଯୋଗ କିନ୍ତୁ ହାତରୁ ଏମିତି ସହଜରେ ଖସିଯାଉଛି।

ଆଜି ଦେବଦାସକୁ ହଜାଇ ସେ ବୋଧେ ସବୁଠୁ ବେଶୀ ଅସହାୟ! ସବୁଠୁ ବେଶୀ ହତାଶ! ପ୍ରେମ ବୋଧେ ଏଇଆ? ଭଂଗାଗଢା ଖେଳ ଭିତରେ ସୀମାବଦ୍ଧ। ହଜିଗଲା ପରେ ତା ଗୁରୁତ୍ୱ ଅନୁଭୂତ ହୁଏ? କିଛି ଆକର୍ଷଣ ଯେତେବେଳେ ଏକଜୁଟ ହୋଇ ମନକୁ ଆକ୍ରମଣ କରନ୍ତି, ସେତେବେଳେ ପର ଲୋକଟି ବି ନିଜର ଲାଗେ। ହଠାତ୍ ତାକୁ ନେଇ ମନ ପଜେସିଭ୍ ହୋଇଯାଏ। ଆଜିକାଲି ତାକୁ ଠିକ୍ ସେହିଭଳି ଲାଗୁଛି।

କାଲିଯାଏଁ ଭଲକରି ଦେବଦାସର ନାଁ ଜାଣିନଥିବା ତନ୍ଦ୍ରା, କଣ ତାକୁ ହୃଦୟରେ ଏତେ ଗୁରୁତ୍ୱ ଦେଇପାରେ! ଦେବଦାସ ପରି ଅନେକ ଭଲ ପିଲା ଅଛନ୍ତି! ଖାଲି ତା ପ୍ରତି ଏତେ ଦୁର୍ବଳତା କାହିଁକି? ହୋଇପାରେ-ତା ଦୁର୍ଘଟଣାଜନିତ କାରଣ ବି ତା ପ୍ରତି ଥିବା ଲୁପ୍ତ ଆକର୍ଷଣକୁ କିଛି ମାତ୍ରାରେ ବୃଦ୍ଧି କରିଛି। କିନ୍ତୁ ଏଥିପାଇଁ ସେ କାଇଁ ଏତେ ଦୁର୍ବଳ ତା ମାନସିକ ସ୍ତରରେ? ବହୁତ ପ୍ରଶ୍ନ କରିଛି ସେ ନିଜକୁ। ଉତର ପାଇଛି ଯେ ନିଜ ପ୍ରତିକ୍ରିୟାକୁ ଦମନ କରି ସେ ନିଜ ପ୍ରତି ଅନ୍ୟାୟ କରିଛି। ନିଜର ମନେ ହେଉଥିବା ଲୋକଟି ଉପରେ ଯେତେବେଳେ ଅନ୍ୟ କେହି ଅଧୀକାର ଜାହିର୍ କରେ ସେତେବେଳେ ସେ ଲୋକର ଗୁରୁତ୍ୱ ଜଣାପଡେ। ଆଜିକାଲି ବୋଧେ ତାର ଠିକ୍ ସେହି ଅବସ୍ଥା!


ମନରେ ପୁଣି ପ୍ରଶ୍ନ ଉଠିଲା-ତନ୍ଦ୍ରା କଣ ଅନ୍ୟ କେହି ତା ଜୀବନରେ? ନା..ତା ହୋଇପାରେନା। ସେ ଜାଣେ ତାକୁ ପିଲାଦିନରୁ। ଦୁହେଁ ସବୁକଥା ସେୟାର୍ କରିଛନ୍ତି। ମିଶିକି ପାପ କରିଛନ୍ତି। ପୂଣ୍ୟ ଆଡକୁ ବି ରାସ୍ତା ତିଆରି କରିଛନ୍ତି। ହଁ ଗୋଟେ ଯାଗାରେ ତ୍ରୁଟି ରହିଯାଇଛି! ଚମ୍ପୁରୁ ଦେବଦାସ ବନେଇବା ପୂର୍ବରୁ ସେ ତନ୍ଦ୍ରା ଭାଗରେ। ହସିଲା ରେଣୁକା-ଗୋଟେ ବେଦନାବିଧୂର ହସ। ଯାହା ତାର ମାନସିକ ଯନ୍ତ୍ରଣାକୁ ଆହୁରି ବଢାଇ ଦେଉଥିଲା।

ଦେବଦାସ ଏମିତି କୋଉ ନିଜର ଯେ ତା କଥା ଏତେ ଭାବି ପିଲାଦିନର ବାନ୍ଧବୀ, ତନ୍ଦ୍ରାକୁ ସେ ସନ୍ଦେହ କରୁଛି! ଓଲଟା ସେ କେତେକଣ ଭାବିଥିଲା! କିପରି ତନ୍ଦ୍ରାକୁ ଧୀରେ ଧୀରେ ମନେଇ ସେ ଦେବଦାସ ପାଇଁ ନିଜ ମନତଳର ଦୁର୍ବଳତା ଜାହିର୍ କରିଥାନ୍ତା! ଏମିତିକି ସାହାଯ୍ୟ କରିବା ପରଦିନ ନିଜେ ରେଣୁକା ଦେବଦାସର ଗୁଣ ଗାନ କରିଥାନ୍ତା ତନ୍ଦ୍ରା ଆଗରେ। ତା ସାହାଯ୍ୟ କଥା ବଖାଣି ତା ମନକୁ ଦୁର୍ବଳ କରିଥାନ୍ତା ଓ କିଛି ଦିନ ପରେ କହିଥାନ୍ତା-ତନ୍ଦ୍ରା, ମୋର ଆଜିକାଲି ସେ ଚମ୍ପୁ ପ୍ରତି ଆକର୍ଷଣ ବଢୁଛି। ହୁଏତ ଚମ୍ପୁ ଓରଫ୍ ଦେବଦାସର ପ୍ରେମରେ ପଡିଯାଇଛି!

ଅବଶ୍ୟ ପ୍ରତିକ୍ରିୟା ସ୍ୱରୂପ ତନ୍ଦ୍ରା ବହେ ଗାଳି କରିଥାନ୍ତା ତାକୁ। ଭଲ ପିଲା ଖୋଜିଥାନ୍ତା ଦେବଦାସକୁ ପରାସ୍ତ କଲା ଭଳି! ଖୁବ୍ ବୁଝାଇଥାନ୍ତା ଏସବୁରୁ ଦୂରେଇ ରହିବା ପାଇଁ। ଗୁଡାଏ ମୁହଁ ଫୁଲାଇ ଥାଆନ୍ତା। ରାଗିଥାଆନ୍ତା ହୁଏତ କଥାବାର୍ତା ବି ଠିକ୍‌ରେ ହୋଇନଥାନ୍ତା! କିନ୍ତୁ ଜାଣିଥାଆନ୍ତା ଯେ ଦେବଦାସ ଉପରେ ତା ବାଲ୍ୟ ବାନ୍ଧବୀର ନଜର କେବେଠାରୁ। ବାଧ୍ୟହୋଇ ଦିନେ ନା ଦିନେ ତାକୁ କ୍ଷମା କରି ସଂପର୍କକୁ ଗ୍ରହଣ କରିନେଇଥାନ୍ତା! ହେଲେ ଏବେ ସବୁକିଛି ଓଲଟା..!

**(କ୍ରମଶଃ...)**

## କବିତା



## କୁନାବାପାଙ୍କ କୁନିକଥା ୩୦



**ଗୁ**ଜରାଟରେ ଭାଜପାର ବିଜୟ ପରେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିବା କଥା। କିନ୍ତୁ ଅଧିକ ଆଲୋଚନା ଓ ତର୍ଜମା ଚାଲିଛି ରାଜନୀତି, ଦଳୀୟ କାର୍ଯ୍ୟକ୍ରମ ଓ ଜାତୀୟ ଦଳ ଦ୍ୱୟର ପ୍ରଦର୍ଶନକୁ ନେଇ। ଏସବୁ ଖଟିକୁ ଯୋଗାଏ ଖୋରାକ। ତେଣୁ ଖଟିର ହାଲଚାଲ ବୁଝିବାକୁ ଟିକେ ଖଟିଆଡେ ଗାଡି ମୁହାଁଇଲେ କୁନାବାପା। ସଦ୍ୟ ଗୁଜରାଟର ନିର୍ବାଚନର ଓଡ଼ିଶାଣ୍ଡ ଠିକ୍ କରିପାରୁନାହାନ୍ତି, ଇଏ ସିଟିସ୍କାନ କ'ଣ ମାଗଣା କରିବେ? ଇଲେକ୍ସନ ପାଖେଇନି ତ! କୁନାବାପା ଟିକେ ଶେଷରେ କହିଲେ, ଭାଇ ଏଇତ ରାଜନୀତିର ଖେଳ, ରାଜା ହେବାକୁ ବଳେ କଉଶଳେ, ନୀତି ହେଉଥାଏ ଖୋଳ। ସାମ, ଦାମ, ଦଣ୍ଡ, ଭେଦ ସବୁ ଲଗେଇ ଶାସନ କରିବାକୁ ପଡେ, ଚାଣକ୍ୟ କହିଛନ୍ତି। ତେଣୁ ଗାଦି ବଞ୍ଚେଇବାକୁ ସବୁ କରିବେ, ଖାଲିଯାହା ତଳ ତଳିଆ ମରିବେ। ସର୍ବେ ଭବନ୍ତୁ ସୁଖୀନଃ।

- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪

# ଚୋରି ହେଇଗଲା ଜହ୍ନ



**ଭଲପାଇବାର ଅନନ୍ୟ ଚିତ୍ରକୁ ପ୍ରେମ ରଙ୍ଗରେ ଚିତ୍ରିତ କରିବାର ଅଦ୍‌ଭୁତ ଖିଆଲ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଶବ୍ଦର କୋଣାର୍କ ଗଢ଼ିବା ପାଇଁ ଯଥେଷ୍ଟ ଖୋରାକ ଯୋଗାଇଛି। ସମ୍ଭବତଃ ସେଇଥିପାଇଁ ଲଭ ସିରିଜ୍...**

**ଆ**କାଶରେ ଟିକିଟିକି ତାରାଙ୍କ ମେଳରେ ଚୁପିଚୁପି ଜହ୍ନ ହସୁଛି। ଛାତ ଉପରେ ଏ ସବୁକୁ ଏକଲା ନିରବରେ ଚାହିଁ ରହିଥାଏ। ଉଦାସ ଉଦାସ ଲାଗୁଥାଏ ତାକୁ। କାହା ପାଖରେ ସେ ନିଜର ଅନ୍ତରଙ୍ଗ ମୁହୂର୍ତ୍ତ ସବୁକୁ ବାଣ୍ଟିବ ବୋଲି ଭାବୁଥାଏ ମନେ ମନେ। ପାଖରେ ଥିଲା ଚୁମୁକି। ହେଲେ ଆଷାଢ଼ର ଘୋ ଘୋ ବର୍ଷାରେ ଚୁମୁକିର ବାପା ତାକୁ ହାତକୁ ଦି'ହାତ କରିଦେଲେ। ହୁଏତ ଆଉ କିଛିଦିନ ଡେରି ହେଇଥାନ୍ତା! ହେଲେ ଘରେ ଜାଣିଗଲେ ଯେ, ଚୁମୁକି କାହାକୁ ଗୋଟେ ଭଲ ପାଉଛି। ସେଇଥିପାଇଁ ତଳ ସାହିର ନେଖା ଯୋଖା ବନ୍ଧୁ ନଖିଆ ସାଙ୍ଗରେ ଚୁମୁକିର ହାତକୁ ଛନ୍ଦି ଦେଲେ। କ'ଣ ଯେ ଦେଖାଯାଉଛି ସେ ଟୋକାଟା। ଝାମ୍ପୁରୁ ଝାମ୍ପୁରୁ ବାଳ, ଝିଅ ପିଲାଙ୍କ ଭଳିଆ। ପ୍ରବଳ ପାନ ଚୋବାଇ ଦାନ୍ତ ଗୁଡାକ ନାଲି ଟକ୍‌ଟକ୍ କରିଦେଇଛି। ଧୁମ୍ ଟାଣୁଛି ଗଞ୍ଜେଇ ଯେ, ଆଖିଗୁଡାକ କୁମ୍ଭାଟୁଆ ଆଖିପରି ନାଲି ଦିଶୁଛି। ହେଲେ ଚୁମୁକିଟା ଧୋବ ଫରଫର କଣ୍ଢେଇପରି। ଛି ଛି ଏ ବାପା ମା'ମାନେ କିଛି କ'ଣ ଦେଖିପାରନ୍ତିନି। କେମିତି କେଜାଣି ଏମିତିଆ ଟୋକାଟା ହାତରେ ଚୁମୁକିକୁ ଛନ୍ଦିଦେଲେ। ସମ୍ଭବତଃ ଜନମ ହେଉ ହେଉ ଏଇ ଭଳି ବାପା ମା'ମାନେ ଝିଅଟିଏକୁ ବୋଝ ବୋଲି ଭାବନ୍ତି। ଯେଉଁଥିପାଇଁ ବାପା ମା' ଭାଇଙ୍କ ସ୍ୱପ୍ନ ପାଇଁ ଚୁମୁକି ଭଳି ଝିଅମାନଙ୍କ ସ୍ୱପ୍ନ ଧୂଳିସାତ ହୋଇଯାଏ। ଯାହା ହାତଧରି ଝିଅଟି ପରଘରକୁ ଚାଲିଯାଏ ସେଠାରେ ଦାସୀପରି ଖଟି ଖଟି ଓ ସ୍ୱାମୀ, ଦିଅର, ନଣନ୍ଦ, ଶାଶୁ, ଶ୍ୱଶୂରଙ୍କ ସେବା କରି କରି ନିଜ କଥା ଭୁଲିଯାଏ।

ଛାଡ, କ'ଣ ଆଉ କରାଯାଇପାରେ। ସ୍ୱପ୍ନଟିଏ ଯେଉଁଠି ସତ ହୋଇପାରୁନି ସେଠାରେ ଜୀବନ ପରି ଜୀବନଟିଏ ଜିଇଁବାକୁ ଡର ଲାଗେ। ଏତିକି ଭାବନା ଭିତରେ ବୋଉ ଡାକ ପକାଇଲେ ଜହ୍ନକୁ। ଏ ମା' ଏବେ ଛାତରୁ ତଳକୁ ଆସେ। ରାତି ପାହିଲେ ନିଜ ବାହାଘରର ନିର୍ବନ୍ଧ। ଏକଥା ଭାବି ଜହ୍ନ ଆଖିରୁ ବି ଦୁଇବୁନ୍ଦା ଲୁହ ନିଗିଡି ଆସିଲା।

ମୋ-୭୮୭୩୯୪୦୬୨୬

# କାଠ ମାଫିଆଙ୍କ ପାଇଁ ପଦା ହେଉଛି ଘଞ୍ଚ ଜଙ୍ଗଲ

## ଦେଖି ନଦେଖିଲା ପରି ବନ କର୍ମଚାରୀ

**ସୁବର୍ଣ୍ଣପୁର, (ଉଗ୍ରସେନ କର୍ମୀ) :** ଜିଲ୍ଲା ସଦର ମହକୁମାରୁ ମାତ୍ର ୩ କିଲୋମିଟର ଦୂରରେ ଥିବା ଅର୍ଜୁନପୁର ସଂରକ୍ଷିତ ଜଙ୍ଗଲ ଏବେ ଚୋରା କାଠ ମାଫିଆଙ୍କ ଚରାଭୂଇଁ ପାଲଟିଛି। ବନ ବିଭାଗର କିଛି କର୍ମଚାରୀ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ କାଠ ମାଫିଆଙ୍କ ସହ ସମ୍ପର୍କ ସ୍ଥାପନ କରି ଚୋରା କାଠ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଫଳରେ ଜଙ୍ଗଲ ପଦା ହେବାକୁ ବସିଲାଣି। ସୁବର୍ଣ୍ଣପୁର ଜିଲ୍ଲାରେ ଜଙ୍ଗଲ ସମ୍ପଦର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଡ ଖାଉଛି ଫସଲ ନ୍ୟାୟରେ ଜଙ୍ଗଲ ସୁରକ୍ଷା ଚାଲିଥିବା ଚର୍ଚ୍ଚା ହେଉଛି। ଗୋଟିଏ ପଟେ ସରକାର ପରିବେଶକୁ ସନ୍ତୁଳିତ କରି ରଖିବା ଲକ୍ଷ୍ୟରେ ଜଙ୍ଗଲ ସୁରକ୍ଷା ସହ ବ୍ୟାପକ ବନୀକରଣ ନାଁରେ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ଅନ୍ୟପକ୍ଷରେ ସୁବର୍ଣ୍ଣପୁର ଜିଲ୍ଲାର କିଛି ନ୍ୟସ୍ତସ୍ୱାର୍ଥ ବନକର୍ମଚାରୀଙ୍କ ଯୋଗୁଁ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ବ୍ୟାପକ ଗଛକଟା ଯାଇ ରାତି ଅଧିଆ ଚାଲାଣ କରାଯାଉଛି। ଅନ୍ୟ ପକ୍ଷରେ ଜିଲ୍ଲାର କିଛି ବନକର୍ମଚାରୀ ପ୍ରତ୍ୟେକ୍ଷ ଭାବରେ କାଠ ମାଫିଆଙ୍କ ସହ ସମ୍ପର୍କ ରଖିଥିବା ଜଣାଯାଏ। ଅର୍ଜୁନପୁର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବହୁ ମୂଲ୍ୟବାନ ଗଛ ସହିତ ଅନେକ ପ୍ରଜାତିର ଔଷଧିୟ ବୃକ୍ଷଲତା ମଧ୍ୟ ରହିଛି। ଏହାର ସୁରକ୍ଷା ସହ ଏହାକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଜଙ୍ଗଲର ଚାରି ପାର୍ଶ୍ୱରେ ଥିବା ଅର୍ଜୁନପୁର, କୁଲିପାଲି, ଲକର୍ମା, ଡାହାଜ, ଗତରକେଲା, ପିପିଲିପାଲି, ଧୋବାମୁଣ୍ଡା, କଳାପଥର, ପ୍ରତାପପୁର, ବାଙ୍କବିଜା, ଜାମପାଲି ଆଦି ଗ୍ରାମ ମାନଙ୍କରେ ବନ ସଂରକ୍ଷଣ ସୀମିତମାନ ଗଠନ କରାଯାଇଛି। ହେଲେ ବିଭିନ୍ନ ସମୟରେ କାଠ ମାଫିଆ ଜଙ୍ଗଲରୁ ଚୋରା କାଠ ଚାଲାଣ କରୁଥିବା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ସାଧାରଣରେ ଅଭିଯୋଗ ହେଉଛି। କାଠ ମାଫିଆ ଗଛକାଟି ନେଉଥିବା ସମ୍ପର୍କରେ ସୂଚନା ପାଉଥିଲେ ସୁଦ୍ଧା କିଛି ବିଭାଗୀୟ କର୍ମଚାରୀଙ୍କ ପୂର୍ବ ସୂଚନା ମାଫିଆ ପାଇଯାଉଥିବାରୁ ଚତୁରାତାର ସହ ସେସବୁ କଟା କାଠକୁ ଜଙ୍ଗଲ ମଧ୍ୟରେ ରଖି ଫେରାର ମାରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସମ୍ପୃକ୍ତ ଗ୍ରାମର ଜନସାଧାରଣ ଦାବି କରିଛନ୍ତି। ବନ ବିଭାଗ କର୍ମର୍ଚାରୀ ଓ କାଠ ମାଫିଆଙ୍କ ମିଳିତ ସହଯୋଗରେ ଅର୍ଜୁନପୁର ସଂରକ୍ଷିତ ଜଙ୍ଗଲ ମଧ୍ୟରୁ କାଠ ଚୋରୀକୁ ବିଭାଗୀୟ ଅଧିକାରୀ ଅସ୍ୱୀକାର କରୁଥିବାରୁ ଜିଲ୍ଲାରେ ଅସନ୍ତୋଷ ପ୍ରକାଶ ପାଇଛି।

# ଜାନୁଆରୀ ପ୍ରଥମ ସପ୍ତାହରେ ମହାନଦୀ ପ୍ରସଙ୍ଗରେ ଆଲୋଚନା

**ନୂଆଦିଲ୍ଲୀ :** ଜାନୁଆରୀ ମାସ ପ୍ରଥମ ସପ୍ତାହରେ ରାଜ୍ୟସଭାରେ ମହାନଦୀ ପ୍ରସଙ୍ଗ ଆଲୋଚନା ହେବ। ଏନେଇ ବିଜେଡି ଏମ୍‌ପିମାନେ ରାଜ୍ୟସଭାରେ ଦେଇଥିବା ଏକ ଧ୍ୟାନ ଆକର୍ଷଣକାରୀ ନୋଟିସ୍ ଉପରେ ଏହି ଆଲୋଚନା ହେବ ବୋଲି ଏହି ସୂଚନା ଦେଇଛନ୍ତି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ଦିଲୀପ ତିର୍କୀ। ସେ କହିଛନ୍ତି ଯେ ରାଜ୍ୟସଭା ଅଧ୍ୟକ୍ଷ ଏମ୍ ଭେଙ୍କିଆ ନାଇଡୁ ଏହା ଉପରେ ଆଲୋଚନା ପାଇଁ ରାଜି ହୋଇଛନ୍ତି। ସଂସଦ ଆରମ୍ଭ ହେବା ପୂର୍ବରୁ ଦିଲୀପ ତାଙ୍କୁ ନିଜେ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଆଲୋଚନା ସମୟରେ ବିଜେଡିର ନୋଟିସକୁ ଆଲୋଚନା ପାଇଁ ଗ୍ରହଣ କରାଯାଇଥିବା ରାଜ୍ୟସଭା ଅଧ୍ୟକ୍ଷ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ଶ୍ରୀ ନାଇଡୁ ରାଜ୍ୟସଭାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ଦଳର ନେତାଙ୍କ ସହ ଆଲୋଚନା ବେଳେ ଦିଲୀପଙ୍କୁ ଏନେଇ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଗତ ସପ୍ତାହରେ ରାଜ୍ୟସଭା ଅଧ୍ୟକ୍ଷ ଶ୍ରୀ ନାଇଡୁ ବିଜେଡି ପକ୍ଷରୁ ମହାନଦୀ ନେଇ ଆଗତ ଆଡ୍‌ଜର୍ଣ୍ଣମେଣ୍ଟ ମୋସନ୍‌କୁ ଅଗ୍ରାହ୍ୟ କରିଦେଇଥିଲେ। ଏନେଇ ମୁଲତବୀ ବଦଳରେ ଅନ୍ୟ ନୋଟିସ୍ ଦେବାକୁ ସେ ବିଜେଡି ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ସେହି ଅନୁସାରେ ରାଜ୍ୟସଭାରେ ବିଜେଡି ପକ୍ଷରୁ ମହାନଦୀ ପ୍ରସଙ୍ଗକୁ ନେଇ ଧ୍ୟାନଆକର୍ଷଣକାରୀ ନୋଟିସ୍ ଏବଂ ସ୍ୱଳ୍ପ ଅବଧି ଆଲୋଚନା ପାଇଁ ନୋଟିସ୍ ଦିଆଯାଇଥିଲା। ଅନ୍ୟପକ୍ଷରେ ଆସନ୍ତାକାଲି ଲୋକସଭା ବାଚସ୍ପତି ସୁମିତ୍ରା ମହାଜନ ଅଧିବେଶନ ପୂର୍ବରୁ ଡାକିଥିବା ସର୍ବଦଳୀୟ ବୈଠକରେ ବିଜେଡି ମହାନଦୀ ଜଳ ବିବାଦ ପ୍ରସଙ୍ଗ ଉଠାଇବାର ସମ୍ଭାବନା ରହିଛି। ଯଦି ବାଚସ୍ପତିଙ୍କ ଅନୁମତି ମିଳେ, ତା'ହେଲେ ଲୋକସଭାରେ ମଧ୍ୟ ଏହି ପ୍ରସଙ୍ଗର ସ୍ୱଳ୍ପ ଅବଧି ଆଲୋଚନା କାର୍ଯ୍ୟସୂଚୀରେ ସାମିଲ ହୋଇପାରେ।

# କାମରେ ଆସୁନି ସୌରଶକ୍ତି ଚାଳିତ ପାଣି ପ୍ରକଳ୍ପ

**ସୁବର୍ଣ୍ଣପୁର, (ଉଗ୍ରସେନ କର୍ମୀ) :** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ମାହେଶ୍ୱରୀ ଉଚ୍ଚ ବିଦ୍ୟାପୀଠ ନିକଟରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସୌରଶକ୍ତି ଚାଳିତ ପାଣି ପ୍ରକଳ୍ପ ଆଜକୁ ଦୀର୍ଘ ୭ମାସ ହେଲା ଅଚଳ ହୋଇ ପଡିଥିଲେ ହେଁ ଏହାର ମରାମତି କରାଯାଉନାହିଁ। ଏଥିପାଇଁ ସ୍ଥାନୀୟ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଅଧିବାସୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଆଜକୁ ପ୍ରାୟ ୭ମାସ ତଳେ କେହି ଦୁର୍ବୃତ୍ତ ଉକ୍ତ ପ୍ରକଳ୍ପର ବିଦ୍ୟୁତ୍ ତାର ଗୁଡିକୁ ଛିଣ୍ଡାଇ ଦେଇଥିଲା। ଏହା ପରଠାରୁ ପ୍ରକଳ୍ପଟି ସମ୍ପୂର୍ଣ୍ଣ ଅଚଳ ହୋଇପଡିରହିଛି। ସ୍ଥାନୀୟ କାନପୁର ସମେତ ଉଫୁଲା, ଅଇଁଲାପାଲି ଓ ଟିଠିପାଲି ଆଦି ଗ୍ରାମର ବହୁଲୋକ ତଥା ମାହେଶ୍ୱରୀ ବିଦ୍ୟାପୀଠର ଛାତ୍ରଛାତ୍ରୀ ପିଇବା ପାଣି ପାଇଁ ଏହା ଉପରେ ନିର୍ଭର କରୁଥିଲେ। ସ୍ଥାନୀୟ ବାସିନ୍ଦା ଘଟଣା ଉପରେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଏହାର ମରାମତି ହୋଇପାରିନଥିବା ଜଣାଯାଇଛି। ଏହି ବ୍ଲକ ଅନ୍ତର୍ଗତ ଟାଙ୍ଗରସାହିଠାରେ ଥିବା ଅନ୍ୟଏକ ସୌରଚାଳିତ ପାନୀୟ ଜଳ ରହିଥିବା ଜଣାଯାଇଛି। ସେହିଭଳି ଗତବର୍ଷ ନଭେମ୍ବର ମାସ ୪ ତାରିଖ ରାତିରେ ଉଫୁଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିକଳପାଇଲି ଗ୍ରାମ ନିକଟରେ ଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ୬ଟି ସୋଲାଣ ପ୍ଲେଟ ଚୋରି ହୋଇଯାଇଥିଲା। ଘଟଣା ସମ୍ପର୍କରେ ସେତେବେଳେ ଥାନାରେ ମଧ୍ୟ ଅଭିଯୋଗ କରାଯାଇଥିଲା। ତେବେ ଅଦ୍ୟାବଧି ଏହି ଘଟଣାରେ କେହି ଚୋର ଧରପଡି ନଥିବା ବେଳେ ଉକ୍ତ ସୌରଶକ୍ତି ବ୍ୟବସ୍ଥାର ମଧ୍ୟ ଆଉ ମରାମତି ହୋଇନାହିଁ। ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏସବୁ ସୌରଶକ୍ତି ଚାଳିତ ପ୍ରକଳ୍ପ ଗୁଡିକର ମରାମତି ହେଉନଥିବାରୁ ସରକାରଙ୍କ ରାଜକୋଷରୁ ଅଯଥାରେ ଅର୍ଥଶ୍ରାଦ୍ଧ ହେବା ସହ ଲୋକେ ମଧ୍ୟ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ବଡଦିନ ମହୋତ୍ସବ

# କୌତୁକ ପୋଷାକରେ ଶାନ୍ତିର ବାର୍ତ୍ତା ଦେଲେ ଛାତ୍ରଛାତ୍ରୀ








**ଭୁବନେଶ୍ୱର :** ରାଜ୍ୟର ବିଭିନ୍ନ ସ୍ଥାନରେ ବଡଦିନ ଉତ୍ସବ ଧୁମ୍‌ଧାମରେ ପାଳନ ହେଉଥିଲା ବେଳେ ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ ମଧ୍ୟ ଏହି ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ କୌତୁକ ପୋଷାକ ପରିଧାନ କରି ସମାଜରେ ଶାନ୍ତି ପ୍ରତିଷ୍ଠାର ବାର୍ତ୍ତା ବାଣ୍ଟିଥିଲେ। କୁନିକୁନି ଛାତ୍ରୀମାନେ ପରୀ ବେଶରେ ସଜ ହୋଇ ବଡଦିନ ସଂଗୀତ ପରିବେଷଣ କରିବା ସହ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ୍ ପବୀତ୍ର ରାଉତରାୟ ଛାତ୍ରଛାତ୍ରୀଙ୍କ ବଡଦିନ ସମ୍ପର୍କରେ ବକ୍ତବ୍ୟ ରଖି ସମସ୍ତଙ୍କୁ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ନିର୍ଦ୍ଦେଶ ସ୍ୱରୂପାନନ୍ଦ ମିଶ୍ର ବଡଦିନର ମାହାତ୍ମ୍ୟ ଓ ଗରିମା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିବା ବେଳେ ଉପାଧ୍ୟକ୍ଷ କବୀନ୍ଦ୍ର ଦାସ ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାବାସୀ ...

ବିଜୁ ପରିବାରର ସଭ୍ୟ ଭାବରେ ଏହା ଆମ ସମସ୍ତଙ୍କ ପାଇଁ ପ୍ରେରଣା। ଓଡ଼ିଶାବାସୀ ଆମକୁ ବହୁତ କିଛି ଦେଇଛନ୍ତି। ସମ୍ପ୍ରତି ଆମେ ଯେଉଁଠାରେ ପହଞ୍ଚିଛୁ, ତାହା କେବଳ ଓଡ଼ିଶାବାସୀଙ୍କ ଆଦର ଓ ଭଲ ପାଇବା ଯୋଗୁ ହୋଇପାରିଛି। ଏ ଭଲ ପାଇବା ଅମୂଲ୍ୟ। ତା'ର ପ୍ରତିଦାନ ଦେବା ପାଇଁ ଆମେ ସମସ୍ତେ ଆଗେଇ ଆସିବା ଉଚିତ୍। ଆମେ ଏଭଳି କାମ କରିବା, ଯାହାଦ୍ୱାରା ଆମର ପିଲାମାନେ ଆମକୁ ନେଇ ଗର୍ବ କରିବେ। ସାଧାରଣ ଜୀବନରେ ସରଳତା ସବୁଠାରୁ ବଡ଼ କଥା। ଏହା ସେବା ପାଇଁ ପ୍ରେରଣା ଦେଇଥାଏ। ତେଣୁ ମୁଁ ଚାହେଁ, 'ସରଳ ଜୀବନ ଓ ଉଚ୍ଚ ଚିନ୍ତାଧାରା' ଆମ ସମସ୍ତଙ୍କ ଲକ୍ଷ୍ୟ ହେଉ। ସରଳତାର ନିଜସ୍ୱ ଶକ୍ତି ରହିଛି, ଯାହା ଜଣକୁ ଗଣ ସହିତ ଯୋଡ଼ିଥାଏ। ଡ. କାଲାମ କହିଛନ୍ତି, ସତ୍ୟ ଓ ସରଳତାକୁ ନିଜ ହୃଦୟରେ ବାରମ୍ବାର ଗ୍ରହଣ କରିବା ପାଇଁ ଅର୍ଥ ଖର୍ଚ୍ଚ କରିବା ଆବଶ୍ୟକତା ନଥାଏ। ତେଣୁ ମୁଁ ଚାହେଁ ଆପଣମାନେ ସରଳ ରୁହନ୍ତୁ। ଲୋକଙ୍କ ସୁଖଦୁଃଖରେ ସହାନୁଭୂତିପୂର୍ଣ୍ଣ ଦୃଷ୍ଟିକୋଣ ନେଇ ସାହାଯ୍ୟ କରନ୍ତୁ। ଲୋକଙ୍କ ଭରସାକୁ ସମ୍ମାନ ଦିଅନ୍ତୁ। ଜନତା ହେଉଛନ୍ତି, ଆମର ବିଚାରକ। ସେମାନଙ୍କୁ ମାନବିକତାର ସହିତ ସେବା କରନ୍ତୁ। ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରନ୍ତୁ। ସତ୍ୟବାଦୀର ଇତିହାସ କହେ- ଭୌଗୋଳିକ ସୁଖ ତ୍ୟାଗ କର। ସମୃଦ୍ଧି ପଥରେ ଜାତିକୁ ଆଗେଇ ନିଅ। ସେବା ଓ କ୍ଷମତା, ଏହି ଦୁଇଟି ମଧ୍ୟରୁ ସେବା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହା ଏକ ମହାନ ଗୁଣ। ସେବା ଜରିଆରେ ହିଁ ଲୋକଙ୍କ ହୃଦୟ ଜିତି ହୁଏ। ତେଣୁ ଲୋକଙ୍କ ସେବା କରନ୍ତୁ ଓ ହୃଦୟ ଜିତନ୍ତୁ। ଆମର ସାଂସଦ, ବିଧାୟକ, ସରପଞ୍ଚମାନେ ଭଲ କାମ କରିଥିବା ଖବର ମୋତେ ସବୁଠାରୁ ଅଧିକ ଖୁସି ଦେଇଥାଏ। ଲୋକଙ୍କ ଭଲ ପାଇବା ହିଁ ମୋ ପାଇଁ ସବୁଠାରୁ ବଡ଼ ପୁରସ୍କାର। ଲୋକଙ୍କ ଭଲ ପାଇବା ପାଖରେ କ୍ଷମତା, ସମ୍ମାନ ଓ ସଂପତ୍ତିର କିଛି ମୂଲ୍ୟ ନାହିଁ। ଲୋକଙ୍କ ଭଲ ପାଇବା ହିଁ ଗାନ୍ଧିଜୀଙ୍କୁ ଅମର କରିଛି। କୋଟି କୋଟି ଓଡ଼ିଆଙ୍କ ଭଲ ପାଇବା ବିଜୁବାବୁଙ୍କୁ ମହାନ କରିଛି। ତେଣୁ ଆସନ୍ତୁ, ମହାପ୍ରଭୁଙ୍କ ପବିତ୍ର ଧାମରେ ସଂକଳ୍ପ ନେବା। ସରଳ ଜୀବନ ଯାପନ କରିବା। ଲୋକଙ୍କ ସେବା କରିବା ଓ ଲୋକଙ୍କ ଭଲ ପାଇବା ହାସଲ କରିବା। ୧୯୯୭ରେ ଆସ୍କା ସାଂସଦ ଭାବରେ ମୋର ରାଜନୈତିକ କ୍ୟାରିଅର୍ ଆରମ୍ଭ ହୋଇଥିଲା। ସେବେଠାରୁ ମୋର ପ୍ରତିଟି ମୁହୂର୍ତ୍ତ ଓଡ଼ିଶାର ବିକାଶ ଓ କଲ୍ୟାଣ ପାଇଁ ଦେଇଛି। ଓଡ଼ିଶାର ଭାଇଭଉଣୀମାନଙ୍କର ଭଲ ପାଇବା ମୋତେ ଶକ୍ତି ଦେଇଛି। ଆତ୍ମ ବିଶ୍ୱାସ ବଢ଼ାଇଛି। ଜଣେ ଓଡ଼ିଆ ଭାବରେ ମୁଁ ଗର୍ବିତ। ଓଡ଼ିଶାବାସୀ ମୋର ପରିବାର ଏବଂ ଓଡ଼ିଶାବାସୀଙ୍କ ସେବାରେ ମୁଁ ସବୁବେଳେ ସମର୍ପିତ। ମୋର ଅନୁରୋଧ, ଆପଣମାନେ ମା', ମାଟି ଓ ମଣିଷର ସ୍ୱାଭିମାନ ପାଇଁ କାମ କରନ୍ତୁ। ଓଡ଼ିଶାର ଛବିକୁ ଆହୁରି ଉଜ୍ଜ୍ୱଳ କରିବା ପାଇଁ ଉଦ୍ୟମ ଜାରି ରଖନ୍ତୁ। ଆସନ୍ତୁ ସଂକଳ୍ପ କରିବା, ଆମର ପ୍ରିୟ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରିବା। ବିଶ୍ୱ ଇତିହାସରେ ଓଡ଼ିଶା ପାଇଁ ସ୍ଥାନ ଗଢ଼ିବା। ଆମେ ଶ୍ରେଷ୍ଠ ହେବା। ଦଳର ଏହି ଦୁଇ ଦଶନ୍ଧିର ପୂର୍ତ୍ତି ସମ୍ବତ୍ସରରେ ପୁରୀରୁ ସଂକଳ୍ପ ନେଇ ଆଗାମୀ ଓଡ଼ିଶାର ବିକାଶ ଯାତ୍ରାରେ ସଭିଏଁ ଏକ ମନ ଏକ ପ୍ରାଣ ହୋଇ ସାମିଲ ହେବାକୁ ଦଳର ପ୍ରତ୍ୟେକଟି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଦଳର ରାଜ୍ୟ ସଭାପତି ମାନ୍ୟବର ନବୀନ ପଟ୍ଟନାୟକ।

### ତିନି ତଲାକ୍ ...

ସେମାନଙ୍କୁ ନ୍ୟାୟ ଦେବା ଉଦ୍ଦେଶ୍ୟରେ ଏହି ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉଛି। ସୂଚନାଥାଉ କି, ଗତ ଅଗଷ୍ଟ ମାସରେ ସୁପ୍ରିମକୋର୍ଟର ୫ ଜଣିଆ ଖଣ୍ଡପୀଠ ତତ୍କାଳ ତିନି ତଲାକ୍‌କୁ ଅସାମ୍ବିଧାନିକ ବୋଲି ଦର୍ଶାଇଥିଲେ। ପ୍ରସ୍ତାବିତ ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଉଚ୍ଚାରଣ କରି କିମ୍ବା ଲିଖିତ ଭାବେ ଅଥବା ଏସ୍‌ଏମ୍‌ଏସ୍ ଭଳି ଇଲୋକ୍‌ଟ୍ରୋନିକ୍ ଫର୍ମରେ ତଲାକ୍ ଦେଲେ ତାହା ଫୌଜଦାରୀ ଅପରାଧ ଭାବେ ବିବେଚନା କରାଯିବ। ଏଥିପାଇଁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ଜୋରିମାନାର ବ୍ୟବସ୍ଥା ରହିବ। ଏହି ବିଲ୍ ଆଗତ ହେବା ସମୟରେ ଗୃହରେ ଜୋର୍‌ଦାର ବିତର୍କ ଚାଲିଥିଲା। କଂଗ୍ରେସ କହିଥିଲା ଯେ, ବିଲ୍‌କୁ ଦଳ ସମର୍ଥନ କଲେ ମଧ୍ୟ ଏହାକୁ ଯାଞ୍ଚ ପାଇଁ ସଂସଦର ଷ୍ଟାଣ୍ଡିଂ କମିଟିକୁ ପଠାଯାଉ। ଆର୍‌ଜେଡି ଓ ସମାଜବାଦୀ ପାର୍ଟି ମଧ୍ୟ ଏହି ଦାବିକୁ ସମର୍ଥନ କରିଥିଲେ। ତେବେ ଗୃହର ଅଧ୍ୟକ୍ଷ ସୁମିତ୍ରା ମହାଜନ ଏହି ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ। ଅଲ୍ ଇଣ୍ଡିଆ ମଜ୍‌ଲିସ୍-ଇଇତେହାଦୁଲ ମୁସ୍‌ଲିମିନ୍ ମୁଖ୍ୟ ଅସାଦୁଦ୍ଦିନ୍ ଓୱେସି ବିଲ୍ ଉପରେ ୬ଟି ସଂଶୋଧନ ପ୍ରସ୍ତାବ ଆଣି ଡିଭିଜନ୍ (ଭୋଟିଂ) ପାଇଁ ଦାବି କରିଥିଲେ। ସେ ଅଭିଯୋଗ କରିଥିଲେ ଯେ, ଏହି ବିଲ୍‌ରେ ମୁସ୍‌ଲିମ୍ ମହିଳାଙ୍କ ପ୍ରତି ଅବିଚାର କରାଯାଉଛି। ଏହା ମଧ୍ୟ ସେମାନଙ୍କ ସ୍ୱାଧୀନତା ଓ ଅଧିକାର କ୍ଷୁଣ୍ଣ କରୁଛି। ଇଣ୍ଡିଆନ୍ ୟୁନିୟନ ମୁସ୍‌ଲିମ୍ ଲିଗ୍ ସଦସ୍ୟ ଇଟି ମହମ୍ମଦ ବସିର୍ ଅଭିଯୋଗ କରିଥିଲେ, ଏହି ବିଲ୍ ଜରିଆରେ ସରକାର ୟୁନିଫର୍ମ ସିଭିଲ୍ କୋଡ୍ (ସାର୍ବଜନୀନ ଆଇନ) ଆଡ଼କୁ ଯାଉଛନ୍ତି। କଂଗ୍ରେସ ବିଲ୍‌କୁ ସମର୍ଥନ କରିଥିଲା ବେଳେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ଆଇନମନ୍ତ୍ରୀ ସଲ୍‌ମାନ୍ ଖୁର୍ଶିଦ୍ କହିଥିଲେ, ପ୍ରସ୍ତାବିତ ଆଇନ ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ ସଦୃଶ ହେଉଛି। ଛାଡ଼ପତ୍ର ଭଳି ଦେୱାନୀ ପ୍ରସଙ୍ଗ ଫୌଜଦାରୀ ଆଇନ ପରିସରଭୁକ୍ତ ହେଉଛି। ତେବେ କଂଗ୍ରେସର କେତେକ ସାଂସଦ ସଂଶୋଧନ ପ୍ରସ୍ତାବ ଆଣିଥିଲେ ମଧ୍ୟ ଦଳ ଡିଭିଜନ୍ ପାଇଁ ଦାବି କରିନଥିଲା।

ତେବେ ଲୋକସଭାରେ ଟ୍ରିପୁଲ୍ ତଲାକ୍ ବିଲ୍ ପ୍ରତି ବିଜେଡିର ଆଭିମୁଖ୍ୟ ନେଇ ରାଜ୍ୟ ବିଜେପି କଡା ସମାଲୋଚନା କରିଛି। ବିଜେପି ସମ୍ପାଦିକ ଲେଖାଶ୍ରୀ ସାମନ୍ତରାୟ ତିନି ତଲାକ୍ ସମ୍ପର୍କରେ କହିଛନ୍ତି ଯେ, ରାଜ୍ୟର ବିଜେଡି ସରକାର ମହିଳା ବିରୋଧୀ ମାନସିକତାର ପରିଚୟ ଦେଇଛି। ଦୁର୍ଭାଗ୍ୟର ବିଷୟ ସଂସଦରେ ଏହି ବିଲ୍ ଆସିବା ମାତ୍ରେ ବିଜେଡି ଏହାକୁ ଦୃଢ଼ ବିରୋଧ କରିବା ଯୋଗୁ ଓଡ଼ିଶାକୁ ଲଜ୍ଜିତ ହେବାକୁ ପଡିଛି। ସୁପ୍ରିମ୍‌କୋର୍ଟ ତିନି ତଲାକ୍‌କୁ ଅସାମ୍ବିଧାନିକ ବୋଲି ଦର୍ଶାଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁସ୍‌ଲମାନ୍ ମହିଳାମାନଙ୍କୁ ସମ୍ମାନ ଦେବା ସହ ସେମାନଙ୍କୁ ତାଙ୍କ ଅଧିକାର ଦେବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଏହି ବିଲ୍ ପାସ୍ ହେବା ପରେ ଖୁସିରେ ଦେଶ ତଥା ରାଜ୍ୟରେ ବସବାସ କରୁଥିବା ମହିଳାମାନେ ଖୁସି ମନାଉଥିବା ବେଳେ ବିଜେଡିର ଏଭଳି ଆଭିମୁଖ୍ୟ ଜାତିଆଣ ସମ୍ପ୍ରଦାୟର ଶକ୍ତି ବୋଲି ପ୍ରମାଣିତ କରିଛି।


### ୨୨ ପର୍ଯ୍ୟନ୍ତ ...

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ରାଜ୍ୟ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ରିଭିଜିନାରୀ ଅଥରିଟି ଏହି ମାମଲାରେ ଶୁଣାଣି କରି ମିନେରାଲ କନ୍‌ସେସନ୍ ରୁଲ୍‌ସ-୨୦୧୬ର ଧାରା-୩୫ରେ ସଂଶୋଧିତ ଆବେଦନ କରିଥିବା ୨୭ଟି କମ୍ପାନୀକୁ ଆଶ୍ୱସ୍ତି ଦେଇଛନ୍ତି। ଏହି ଖଣି କମ୍ପାନୀଗୁଡ଼ିକ ଆବେଦନ ଉପରେ ଶୁଣାଣି କରି ମନ୍ତ୍ରଣାଳୟର ରିଭିଜିନାରୀ ଅଥରିଟି ଡିସେମ୍ବର ୧୬ତାରିଖରେ ରାଜ୍ୟ ସରକାରଙ୍କୁ ୪ଦିନ ମଧ୍ୟରେ ନିଜ ପକ୍ଷ ରଖିବାକୁ କହିଥିଲେ। କିନ୍ତୁ ରାଜ୍ୟ ସରକାର ସ୍ୱଳ୍ପ ଅବଧି ମଧ୍ୟରେ ତଥ୍ୟ ଦେବା ସମ୍ଭବପର ନୁହେଁ ଦର୍ଶାଇ ମାସେ ସମୟ ଲୋଡ଼ିଥିଲେ। ଯାହା ଆଧାରରେ ରିଭିଜିନାରୀ ଅଥରିଟି ଡିସେମ୍ବର ୨୦ତାରିଖରେ ଶୁଣାଣି କରି ଆବେଦନ କରିଥିବା କମ୍ପାନୀ ବିରୋଧରେ ଜାନୁୟାରୀ ୨୨ ତାରିଖ ପର୍ଯ୍ୟନ୍ତ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଡିସେମ୍ବର ୨୮ତାରିଖରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଇସ୍ପାତ ଓ ଖଣି ସଚିବଙ୍କୁ ଚିଠି ରିଭିଜିନାରୀ ଅଥରିଟିଙ୍କ ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଯାଇଛି। ସଂଶୋଧିତ ଆବେଦନ ଦାଖଲ କରଇଥିବା ଖଣି କମ୍ପାନୀ ପକ୍ଷରୁ ଓକିଲ ଯୁକ୍ତି ବାଢ଼ିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଡିମାଣ୍ଡ ନୋଟିସ୍ ଜାରି କରାଯିବା ଏମ୍‌ଏମ୍‌ଡିଆର ଆକ୍ଟ-୧୯୫୭, ଜଳ (ପ୍ରତିଷେଧକ ଓ ପ୍ରଦୂଷଣ ନିୟନ୍ତ୍ରଣ)ଆଇନ-୧୯୭୪, ବାୟୁ(ପ୍ରତିଷେଧକ ଓ ପ୍ରଦୂଷଣ ନିୟନ୍ତ୍ରଣ) ଆଇନ-୧୯୮୧ ଆଧାରରେ ବେଆଇନ ଏବଂ ସୁପ୍ରିମକୋର୍ଟଙ୍କ ଅଗଷ୍ଟ ୨ତାରିଖ ରାୟର ମଧ୍ୟ ବିରୁଦ୍ଧାଚରଣ। ସୁପ୍ରିମକୋର୍ଟ ମଧ୍ୟ ଡିସେମ୍ବର ୧୩ତାରିଖରେ ନିଜର ରାୟରେ ସ୍ପଷ୍ଟ କରିଛନ୍ତି ଯେ ମାଇନିଂ ପ୍ଲାନ୍ ଓ କନ୍‌ସେଣ୍ଟ୍ ଟୁ ଅପରେଟ୍ ଉଲ୍ଲଘଂନ କରିଥିବା ଖଣି ଲିଜ୍‌ଧାରୀମାନେ ରାଜ୍ୟ ସରକାରଙ୍କ ଡିମାଣ୍ଡ୍ ନୋଟିସ୍‌କୁ ଉପଯୁକ୍ତ ଫୋରମ୍‌ରେ ଚ୍ୟାଲେଞ୍ଜ କରିପାରିବେ। ଯଦି ରାଜ୍ୟ ସରକାରଙ୍କ ଦ୍ୱାରା ଦାବି କରାଯାଇଥିବା ଜୋରିମାନା (ପରିବେଶ ଆଇନ ଉଲ୍ଲଘଂନକାରୀ)କୁ ଯେଉଁ ଖଣି ଲିଜ୍‌ଧାରୀମାନେ ଡିସେମ୍ବର ୩୧ତାରିଖ ସୁଦ୍ଧା ଦାଖଲ କରିଥିବେ, ତା'ହେଲେ ସେମାନେ ମାଇନିଂ ପ୍ଲାନ୍ ଓ କନ୍‌ସେଣ୍ଟ୍ ଟୁ ଅପରେଟ୍‌ର ସର୍ତ୍ତାବଳୀକୁ ପାଳନ କରିନାହାନ୍ତି ଦର୍ଶାଇ ସେମାନଙ୍କର ଖଣିକୁ ବନ୍ଦ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେଣୁ ଏସବୁକୁ ବିଚାରକୁ ନେଇ ରାଜ୍ୟ ସରକାର ନିଜର ପକ୍ଷ ରଖିବା ପର୍ଯ୍ୟନ୍ତ ଆବେଦନକାରୀ ଖଣି କମ୍ପାନୀଗୁଡ଼ିକ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ରିଭିଜିନାରୀ ଅଥରିଟି ମତ ଦେଇଛନ୍ତି। ଏନେଇ ସେ ମଧ୍ୟ ରାଜ୍ୟ ସରକାରଙ୍କୁ ଅବଗତ କରିଛନ୍ତି।

### ସ୍କୁଲ କିଣିବ ...

ତେବେ ସରକାରୀ ସ୍କୁଲ ଓ ଅନୁଦାନପ୍ରାପ୍ତ ସ୍କୁଲରେ ଏସବୁ ଶ୍ରେଣୀରେ ପଢୁଥିବା ଅନ୍ୟ ଛାତ୍ରମାନେ ଏହି ସୁବିଧାରୁ ବଞ୍ଚିତ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ୨୦୧୭-୧୮ ବଜେଟ୍ ଘୋଷଣା ଅନୁସାରେ ରାଜ୍ୟ ସରକାର ଗଙ୍ଗାଧର ମେହେର ଶିକ୍ଷା ମାନକବୃଦ୍ଧି ଯୋଜନାରେ ଉଭୟ ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କୁ ମାଗଣା ୟୁନିଫର୍ମ ଯୋଗାଇ ଦେବେ। ଏହା ସହିତ ପ୍ରଥମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ସ୍କୁଲ ବ୍ୟାଗ୍ ଯୋଗାଇ ଦେବେ। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ବାବଦରେ ସର୍ବାଧିକ ୪୦୦ଟଙ୍କା (୨ହଳ ୟୁନିଫର୍ମ) ଓ ସ୍କୁଲ ବ୍ୟାଗ ବାବଦରେ ୧୨୫ ଟଙ୍କା ଦିଆଯିବ। ଏହି ଅର୍ଥ ପ୍ରତିବର୍ଷ ୧୦% ବୃଦ୍ଧି ହେବ ଓ ଅତିରିକ୍ତ ଭାବେ ଜିଏସ୍‌ଟି ପାଇଁ ଟିକସ ଅର୍ଥ ମଧ୍ୟ ସରକାର ପ୍ରଦାନ କରିବେ। ସ୍କୁଲ ପରିଚାଳନା କମିଟି ଦ୍ୱାରା ଏହି ୟୁନିଫର୍ମ ପିଲାଙ୍କୁ ଯୋଗାଇ ଦିଆଯିବ। ତେବେ ସ୍କୁଲ ବ୍ୟାଗ୍‌କୁ ସର୍ବଶିକ୍ଷା ଅଭିଯାନ ପାଣ୍ଠିରୁ ଜିଲ୍ଲା ଶିକ୍ଷା ଅଧିକାରୀ ଏକସଙ୍ଗେ କ୍ରୟ କରି ପ୍ରତ୍ୟେକ ସ୍କୁଲରେ ବଣ୍ଟନ କରିବେ ବୋଲି ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଏହି ନୂଆ ବ୍ୟବସ୍ଥା ଦ୍ୱାରା ଏପିଏଲ୍ ବର୍ଗରେ ପଢୁଥିବା ଛାତ୍ର ଓ ଅନୁଦାନପ୍ରାପ୍ତ ସ୍କୁଲର ପ୍ରାୟ ୪ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଜଣାପଡ଼ିଛି। ଏହାବ୍ୟତୀତ ସ୍କୁଲଗୁଡ଼ିକରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଦିଆଯାଉଥିବା ଅଣ୍ଡା ଏପର୍ଯ୍ୟନ୍ତ ଓପେଲ୍‌ଫେଡ୍ ମାଧ୍ୟମରେ ଯୋଗାଇ ଦିଆଯାଉଥିଲା। କିନ୍ତୁ ଏହି ଅଣ୍ଡା ଅଧିକ ଦିନ ରହିବା ଦ୍ୱାରା ଖରାପ ହୋଇଯାଉଥିବାରୁ ତା'କୁ ନେଇ ସମସ୍ୟା ଉପୁଜିଥିଲା। ଯେଉଁଥିପାଇଁ ରାଜ୍ୟ ସରକାର ଏଣିକି ଅଣ୍ଡାକୁ ସ୍ଥାନୀୟ ବଜାରଦରରେ ସ୍କୁଲ ପରିଚାଳନା କମିଟି ଦ୍ୱାରା କ୍ରୟ ନିମନ୍ତେ ଅନୁମତି ଦେଇଛନ୍ତି। ଆବଶ୍ୟକତା ଅନୁସାରେ ସ୍କୁଲ ପରିଚାଳନା କମିଟି ମଧ୍ୟାହ୍ନ ଭୋଜନ ପାଇଁ ଏହି ଅଣ୍ଡା କିଣି ପାରିବେ।

# ଏଣିକି ଅନ୍‌ଲାଇନ୍‌ରେ ମ୍ୟୁଟେସନ



**ଭୁବନେଶ୍ୱର :** ଅନ୍‌ଲାଇନ୍ ମାଧ୍ୟମରେ ତହସିଲଗୁଡ଼ିକରେ ଦାଖଲଖାରଜ(ମ୍ୟୁଟେସନ୍) ବ୍ୟବସ୍ଥାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ଅନ୍‌ଲାଇନ୍‌ରେ ଦାଖଲଖାରଜ ମାମଲାର ଫଇସଲା ତ୍ୱରାନ୍ୱିତ ହୋଇପାରିବା ସହ ଲୋକମାନେ ବହୁଳ ଭାବରେ ଉପକୃତ ହୋଇପାରିବେ। ରାଜସ୍ୱ ପ୍ରଶାସନରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ମାଧ୍ୟମରେ ଲୋକମାନଙ୍କ ନିକଟତର ହେବା ସହିତ ବିଭିନ୍ନ ରାଜସ୍ୱ ସେବାକୁ ସେମାନଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମହାନ୍ତି ମତବ୍ୟକ୍ତ କରିଛନ୍ତି। ସଚିବାଳୟଠାରେ ଅନ୍‌ଲାଇନ୍ ମ୍ୟୁଟେସନ୍ ଓ ତହସିଲ ସମ୍ପର୍କିତ ତଥ୍ୟ ପ୍ରଦାନ ନିମନ୍ତେ ପ୍ରତ୍ୟକ୍ଷ ୱେବ୍‌ଆଧାରିତ ବ୍ୟବସ୍ଥାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ମହାନ୍ତି କହିଲେ ଯେ ଅନ୍‌ଲାଇନ୍‌ରେ ଦାଖଲଖାରଜ ମାମଲା ଫଇସଲା କରାଯିବା ଦ୍ୱାରା ଏହି କାର୍ଯ୍ୟରେ ସ୍ୱଚ୍ଛତା ଓ ପାରଦର୍ଶିତା ଆସିବ। ଏଥିସହିତ ବକେୟା ମାମଲାଗୁଡ଼ିକରେ ଅତିଶୀଘ୍ର ଫଇସଲା ହୋଇପାରିବ। ଏଥିସହିତ ତହସିଲଗୁଡ଼ିକରେ ୱେବ୍‌ସାଇଟ୍ ଖୋଲାଯାଇ ରାଜସ୍ୱ ସଂକ୍ରାନ୍ତୀୟ ସବିଶେଷ ତଥ୍ୟ ଜନସାଧାରଣଙ୍କ ନିମନ୍ତେ ଉପଲବ୍ଧ କରାଯିବ। ଜାନୁଆରୀ ୧୫ ତାରିଖ ସୁଦ୍ଧା ସମସ୍ତ ତହସିଲ ୱେବ୍‌ସାଇଟ୍‌ରେ ସବିଶେଷ ତଥ୍ୟ ଅପଲୋଡ଼ କରିବା ପାଇଁ ମନ୍ତ୍ରୀ ଶ୍ରୀ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର ୨୫ଟି ଜିଲ୍ଲାର ୩୮ଟି ତହସିଲରେ ଅନ୍‌ଲାଇନ୍ ମ୍ୟୁଟେସନ୍ ଆରମ୍ଭ କରାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ୧୦୦ଟି ତହସିଲରେ ଅନ୍‌ଲାଇନ୍‌ରେ ମ୍ୟୁଟେସନ୍ କାର୍ଯ୍ୟ କରାଯିବ। ସେହିପରି ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ୩୧୭ଟି ତହସିଲ୍‌ରେ ଅନ୍‌ଲାଇନ୍‌ରେ ଦାଖଲଖାରଜ କାର୍ଯ୍ୟ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିନିମନ୍ତେ ଭାରତ ସଞ୍ଚାର ନିଗମ ଲିମିଟେଡ୍ ସହଯୋଗରେ ତହସିଲଗୁଡ଼ିକୁ ୨ ଏମ୍‌ବିପିଏସ୍ (ଏମ୍‌ପିଏଲ୍‌ଏସ୍) ସଂଯୋଗ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ ରାଜସ୍ୱ କର୍ମଚାରୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦିଆଯାଇଛି ଓ ଅନ୍‌ଲାଇନ୍ ମାଧ୍ୟମରେ ହେଉଥିବା ରାଜସ୍ୱ କାର୍ଯ୍ୟର ସୁପରିଚାଳନା ଓ ତଦାରଖ କରିବା ପାଇଁ ଏକ ପ୍ରୋଜେକ୍ଟ ମ୍ୟାନେଜ୍‌ମେଣ୍ଟ ୟୁନିଟ୍ ଖୋଲାଯାଇଛି। ଏହି ଅବସରରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମନ୍ତ୍ରୀ ଶ୍ରୀ ମହାନ୍ତି ସମସ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳମାନଙ୍କଠାରୁ ତହସିଲ୍‌ରେ ଅନ୍‌ଲାଇନ୍ ମ୍ୟୁଟେସନ୍ ବ୍ୟବସ୍ଥା ଏବଂ ଡୁଇଷ୍ଟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

# ବେବିଲୋନ୍‌ରୁ ଭାରତ-ନୂଆବର୍ଷ



**ଇତିହାସ ସହ ପରମ୍ପରା ଓ ଐତିହ୍ୟକୁ ନେଇ ପୃଥିବୀର ବିଭିନ୍ନ ଦେଶରେ ନୂଆବର୍ଷକୁ ବିଭିନ୍ନ ଅନ୍ଦାଜରେ ପାଳନ କରାଯାଏ। କେତେକ ଦେଶରେ ବର୍ଷର ଭିନ୍ନ ଭିନ୍ନ ମାସରେ ଏହି ଉତ୍ସବ ପାଳନ କରାଯାଉଥିଲା। ହେଲେ ସମ୍ପ୍ରତି ଜାନୁଆରୀ ୧ ତାରିଖକୁ ନୂଆବର୍ଷର ପ୍ରଥମ ଦିବସ ଭାବେ ଗ୍ରହଣ କରାଯାଉଛି। ଯଦିଓ ସର୍ବପ୍ରଥମେ ପ୍ରାଚୀନ ମେସୋପଟାମିଆ ସଭ୍ୟତା ସମୟରୁ ଏହି ଉତ୍ସବର ଅୟମାରମ୍ଭ ହୋଇଥିଲା ବୋଲି ଜଣାଯାଏ। ଆମଦେଶ ଭାରତ ମଧ୍ୟ ଇଂରାଜୀ ନବବର୍ଷ ପାଇଁ ବେଶ୍ ଚଳଚଞ୍ଚଳ ହୋଇଉଠେ। ଏହି ପରିପ୍ରେକ୍ଷୀରେ ପରିବାରରୁ ଆରମ୍ଭ ହୋଇ ତାରକା ହୋଟେଲମାନଙ୍କରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ ସ୍ୱାଦିଷ୍ଟ ଖାଦ୍ୟପେୟ ମାଧ୍ୟମରେ ନୂଆବର୍ଷକୁ ସ୍ୱାଗତ କରିବାର ପରମ୍ପରା ମଧ୍ୟ ବଜାୟ ରହିଛି। ତେଣୁ ନୂଆବର୍ଷକୁ ନେଇ ସମସ୍ତଙ୍କ ମନରେ ଥିବା ଆଶା, ଉତ୍କଣ୍ଠା ଓ ସଂକଳ୍ପର ଆଲେଖ୍ୟ ସ୍ୱରୂପ 'ଏକମାତ୍ର' ପାଇଁ ଗୀତାଞ୍ଜଳି ଦାଶଙ୍କ ସ୍ୱତନ୍ତ୍ର ଉପସ୍ଥାପନା।**

**ନୂ**ଆବର୍ଷ ହେଉଛି ଆନନ୍ଦ, ଉଲ୍ଲାସର ପର୍ବ। ନୂଆବର୍ଷ ଆସିଲେ ସମସ୍ତେ ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆବର୍ଷକୁ ସ୍ୱାଗତ କରିଥାନ୍ତି। ପର୍ଯ୍ୟଟନସ୍ଥଳ, ହୋଟେଲ, କ୍ଲବ ସବୁଠି ଭିଡ ଜମେ। ହସ, ଖୁସି, ମଉଜ-ମଜଲିସ୍‌ରେ ନୂଆବର୍ଷକୁ ସମସ୍ତେ ପାଳନ କରିଥାନ୍ତି। ସମଗ୍ର ବିଶ୍ୱରେ ସମ୍ପ୍ରତି ନୂଆବର୍ଷ ଏକ ମହାଜାତୀୟ ଉତ୍ସବରେ ପରିଣତ ହୋଇଛି। ପୂର୍ବରୁ ଭିନ୍ନ ଭିନ୍ନ ଦେଶ ନିଜ ନିଜ ସଂସ୍କୃତି ଓ ବିଚାର ଦୃଷ୍ଟିରୁ ଭିନ୍ନ ଭିନ୍ନ ଦିନ ନୂଆବର୍ଷ ପାଳନ କରୁଥିଲେ। କିନ୍ତୁ ବର୍ତ୍ତମାନ ଜାନୁଆରୀ ୧ ତାରିଖକୁ ସାରା ବିଶ୍ୱ ନୂଆବର୍ଷ ଭାବେ ପାଳନ କରୁଛି।

ନୂତନ କ୍ୟାଲେଣ୍ଡରର ପ୍ରଚଳନ ପରେ ଏବଂ ବହୁ ବିଚାର ବିମର୍ଶ ପରେ ଏହିଦିନକୁ ନୂଆବର୍ଷ ରୂପେ ଗ୍ରହଣ କରିବାକୁ ବିଭିନ୍ନ ଦେଶ ସହମତି ପ୍ରକାଶ କରିଛନ୍ତି। ୧୭୦୦ ମସିହାରେ ଜର୍ମାନୀ ଏହି ଦିନକୁ ନବବର୍ଷ ରୂପେ ପ୍ରଥମେ



ଗ୍ରହଣ କରିଥିଲେ। ଇଂଲଣ୍ଡ ୧୭୫୨ରେଏବଂ ସୁଇଡେନ ୧୭୫୩ରେ ଗ୍ରହଣ କରିଥିବା ବେଳେ ଜାପାନ ୧୮୭୩ରେ ଏବଂ ଚୀନ୍ ୧୯୧୨ରେ ଗ୍ରହଣ କରିଥିଲା। ଋଷ ପ୍ରଥମେ ୧୯୧୮ରେ ଗ୍ରହଣ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନିଜର କ୍ୟାଲେଣ୍ଡର ପ୍ରଚଳନ କରିଥିଲା। ମାତ୍ର ୧୯୨୪ରେ ପୁଣି ଜାନୁଆରୀ ପହିଲାକୁ ନବବର୍ଷ ରୂପେ ଗ୍ରହଣ କଲା। ହେଲେ ନବବର୍ଷକୁ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ରୂପେ ପାଳନ କରାଯିବାର ପରମ୍ପରା ଆଜିବି ଅତୁଟ ରହିଛି।

ନୂଆବର୍ଷ ପାଳନ ବିଶ୍ୱର ପ୍ରାଚୀନତମ ଉତ୍ସବମାନଙ୍କ ମଧ୍ୟରୁ ଅନ୍ୟତମ। ଦେଶ, ଜାତି, ଧର୍ମ ଅନୁଯାୟୀ ନୂଆବର୍ଷ ପାଳନର ପରମ୍ପରା ଭିନ୍ନ ହୋଇଥିଲେ ମଧ୍ୟ ଗ୍ରେଗୋରିଆନ କ୍ୟାଲେଣ୍ଡର ଅନୁଯାୟୀ ଜାନୁଆରୀ ପହିଲାକୁ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ନୂଆବର୍ଷ ଉତ୍ସବ ଭାବେ ବେଶ ଧୁମ୍‌ଧାମରେ ପାଳନ କରିଥାନ୍ତି। ବିଶ୍ୱାସ କରାଯାଏ ଆଜକୁ ଚାରିହଜାର ବର୍ଷ ତଳେ ପ୍ରାଚୀନ ମେସୋପଟାମିଆ ଅନ୍ତର୍ଗତ ବେବିଲୋନ ସଭ୍ୟତାର ଲୋକେ ପ୍ରଥମେ ନୂଆବର୍ଷ ପାଳନ କରିଥିଲେ। ସେତେବେଳେ ଏହା ମାର୍ଚ୍ଚ ମାସର ମଧ୍ୟଭାଗରେ ପାଳନ କରାଯାଉଥିଲା। ବେବିଲୋନବାସୀ ବସନ୍ତ ଋତୁରେ କୃଷିକାର୍ଯ୍ୟ ଆରମ୍ଭ କରିଥାନ୍ତି। ନୂଆ ଫସଲ ଉତ୍ପାଦନ ପାଇଁ ବସନ୍ତ ଋତୁ ଉପଯୁକ୍ତ ସମୟ ଭାବେ ବିବେଚନା କରାଯାଉଥିଲା। ତେଣୁ କୃଷି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସେମାନେ ଏଗାରଦିନ ଧରି ନୂଆବର୍ଷ ମହୋତ୍ସବ ପାଳନ କରୁଥିଲେ।

ପ୍ରାଚୀନ ରୋମାନମାନେ ମାର୍ଚ୍ଚ ୧ ତାରିଖକୁ ନୂଆବର୍ଷ ଭାବେ ପାଳନ କରୁଥିଲେ। ଖ୍ରୀଷ୍ଟପୂର୍ବ ୪୬ରେ ରୋମାନ୍ ଶାସକ ଜୁଲିଅସ ସିଜର ସୂର୍ଯ୍ୟଙ୍କୁ ଆଧାର କରି ଏକ ନୂଆ କ୍ୟାଲେଣ୍ଡର ପ୍ରଚଳନ କରିଥିଲେ। ପୂର୍ବରୁ ରୋମାନ୍ କ୍ୟାଲେଣ୍ଡର ଚନ୍ଦ୍ରକୁ ଆଧାର କରି ତିଆରି କରାଯାଇଥିଲା। ସେତେବେଳେ ଏହି କ୍ୟାଲେଣ୍ଡରରେ ଅନେକ ତ୍ରୁଟି ଥିବାରୁ ଏହା ଲୋକପ୍ରିୟ ହୋଇପାରି ନଥିଲା। ଜୁଲିଅସ ସିଜରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କ୍ୟାଲେଣ୍ଡରର ଜୁଲିଆନ କ୍ୟାଲେଣ୍ଡର ଭାବେ ନାମିତ କରାଗଲା। ରୋମାନ କ୍ୟାଲେଣ୍ଡରଠାରୁ ଏହି କ୍ୟାଲେଣ୍ଡର ବିକଶିତ ଥିଲା। ବର୍ଷର ପ୍ରଥମ



ମାସର ନାମକରଣ ରୋମାନ୍ ଦେବତା ଜାନସ୍‌ଙ୍କ ନାମ ଅନୁସାରେ ଜାନୁଆରୀ ରଖାଗଲା। ଜାନସ୍ ଥିଲେ ଦ୍ୱାର, କବାଟ, ଝରକା ଓ ପୋଲ ଆଦିର ଦେବତା। ଜାନସ୍‌ଙ୍କର ଦୁଇଟି ମୁଣ୍ଡ ଥିଲା। ଗୋଟିଏ ମୁଣ୍ଡ ସାମନାକୁ ମୁହଁ କରିଥିବା ବେଳେ ଅନ୍ୟ ମୁଣ୍ଡଟି ପଛକୁ ମୁହଁ କରିଥାଏ। ଏହି କ୍ୟାଲେଣ୍ଡରର ପ୍ରଥମ ମାସ ଜାନୁଆରୀ ୧ ତାରିଖକୁ ସର୍ବସମ୍ମତି କ୍ରମେ ନୂଆବର୍ଷ ଭାବେ ପାଳନ କରାଗଲା। ସିଜରଙ୍କ ମୃତ୍ୟୁପରେ ପାର୍କ ଏଣ୍ଟୋନି ଏବଂ ଅଗଷ୍ଟ ସିଜର ଏଥିରେ ପରିବର୍ତ୍ତନ ଆଣିଥିଲେ। ମଧ୍ୟଯୁଗରେ ୟୁରୋପର କାଉନସିଲରର ଅଫ୍ ଝୁରସ ଜାନୁଆରୀ ୧ ତାରିଖକୁ ୪ ବର୍ଷର ପ୍ରଥମ ଦିନ ଭାବରେ ଗଣନା କରିଥିଲେ।

ନୂଆବର୍ଷ ଅବସରରେ ସ୍ପେନରେ ଅଙ୍ଗୁର କୋଳି ଖାଇବା ପରମ୍ପରା ରହିଆସିଛି। ଡିସେମ୍ବର ୩୧ ତାରିଖ ମଧ୍ୟରାତ୍ର ୧୨ଟା ବାଜିଲା କ୍ଷଣି ସ୍ପେନର ପ୍ରତ୍ୟେକ ବ୍ୟକ୍ତି ୧୨ଟି ଅଙ୍ଗୁର ଖାଇ ନବବର୍ଷକୁ ସ୍ୱାଗତ ଜଣାନ୍ତି।

ଅଷ୍ଟ୍ରେଲିଆ ଅଧିବାସୀ ଡିସେମ୍ବର ୩୧ ତାରିଖ ମଧ୍ୟରାତ୍ରିରୁ ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ନବବର୍ଷର ଉତ୍ସବ ପାଳନ କରିଥାଆନ୍ତି। ଅଷ୍ଟ୍ରେଲୀୟମାନେ ହୁଇସିଲ୍, କାରହର୍ଣ୍ଣ, ଚର୍ଚ୍ଚର ଘଣ୍ଟା ବଜାଇ ନବବର୍ଷକୁ ସ୍ୱାଗତ ଜଣାଇଥାନ୍ତି।

ଜାପାନବାସୀ ପ୍ରେତାତ୍ମାଙ୍କ ନଜରରୁ ଗୃହକୁ ଦୂରେଇ ରଖିବା ପାଇଁ ନୂଆବର୍ଷ ଦିନ ଘରର ମୁଖ୍ୟ ପ୍ରବେଶ ଦ୍ୱାରରେ ରସି ବାନ୍ଧିଥାଆନ୍ତି। ନୂଆବର୍ଷ ପୂର୍ବ ଅର୍ଦ୍ଧରାତ୍ରରେ ବୌଦ୍ଧପୀଠଗୁଡିକରେ ଏକ ସ୍ୱତନ୍ତ୍ର ନୁଡୁଲ୍ସ ପ୍ରସ୍ତୁତ କରାଯାଇଥାଏ। ନୂଆବର୍ଷରେ ଏହା ଖାଇବା ଦ୍ୱାରା ସୁଖମୟ ଜୀବନଯାପନ କରିହୁଏ ବୋଲି ସେମାନେ ବିଶ୍ୱାସ କରନ୍ତି।


ଶୀତ ଋତୁରେ ଥାଇଲାଣ୍ଡରେ ମାତ୍ର ଚାରିଘଣ୍ଟା ଦିନ ହୁଏ। ଅପରାହ୍ନ ୪ଟା ବେଳକୁ ଏଠି ସୂର୍ଯ୍ୟାସ୍ତ ହୋଇଯାଏ। ତେଣୁ ଡିସେମ୍ବର ୩୧ ତାରିଖ ସଂଧ୍ୟା ୬ଟା ବେଳକୁ ଲୋକେ ଖାଇପିଇ ନୂଆବର୍ଷ ଉତ୍ସବ ଆରମ୍ଭ କରିଥାଆନ୍ତି। ଏହି ଉପଲକ୍ଷେ ଉତ୍ସବାଗ୍ନି ପ୍ରସ୍ତୁତ ହୁଏ। ଥାଇଲାଣ୍ଡ ଅଧିବାସୀ ବିଭିନ୍ନ ଗରମ ପୋଷାକ ପରିଧାନ କରି ଉତ୍ସାବାଗ୍ନି ଚାରିପାଖରେ ଘେରି ରହି ଗୀତ ଗାଇ ନୂଆବର୍ଷକୁ ସ୍ୱାଗତ କରିଥାନ୍ତି। ଫିଲିପାଇନ୍ସର ଲୋକମାନେ ନୂଆବର୍ଷ ଦିନ ପୋଲକା ଡଟ୍‌ସ ପ୍ରିଣ୍ଟର ପୋଷାକ ପିନ୍ଧିଥାନ୍ତି। ନୂଆବର୍ଷର ପୂର୍ବ ମଧ୍ୟରାତ୍ରିରେ ଖାଦ୍ୟ ଖାଇବା ଶୁଭ ବୋଲି ସେମାନେ ବିଶ୍ୱାସ କରିଥାନ୍ତି।

ନୂଆବର୍ଷ ଉପଲକ୍ଷେ ଋଷିଆରେ ସ୍କୁଲଗୁଡିକ ଡିସେମ୍ବର ୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଛୁଟି ରହିଥାଏ। ନୂଆବର୍ଷ ଅବସରରେ ଗ୍ରାଣ୍ଡଫାଦର ଫ୍ରଷ୍ଟ ଏକ ନୀଳ ରଙ୍ଗର ସୁଟ୍ ପରିଧାନ କରି ପିଲାମାନଙ୍କ ମଧ୍ୟରେ ଖେଳନା ବାଣ୍ଟିଥାନ୍ତି। ନୂଆବର୍ଷ ଅବସରରେ ଫ୍ରାନ୍ସରେ ଛଅଦିନ ସରକାରୀ ଛୁଟି ଘୋଷଣା କରାଯାଇଥାଏ। ନବବର୍ଷ ଆରମ୍ଭରେ ଦକ୍ଷିଣ



ଆଫ୍ରିକାରେ ଲୋକେ ଚର୍ଚ୍ଚରେ ଘଣ୍ଟି ବଜାଇବା ସହ ବନ୍ଧୁକରୁ ଗୁଳି ଫୁଟାଇ ନୂଆବର୍ଷକୁ ସ୍ୱାଗତ କରିଥାନ୍ତି। ଦକ୍ଷିଣ ଆମେରିକା ଲୋକମାନେ ନୂଆବର୍ଷ ଦିନ ସବୁଜ ପନିପରିବା ଖାଇଥାନ୍ତି।

ୟୁଗୋସ୍ଲୋଭିଆରେ ନବବର୍ଷକୁ 'ହେଡ୍ ସେଲେଡ଼୍' ନାମରେ ପାଳନ କରାଯାଏ ଏବଂ ବିଭିନ୍ନ ରକମର ବାଣ ଫୁଟାଇ ନବବର୍ଷକୁ ସ୍ୱାଗତ କରାଯାଏ। ନୂଆବର୍ଷ ପାଳନ ଅବସରରେ ଚୀନର ଲୋକମାନେ ନୂଆ ଜୋତା ପିନ୍ଧିଥାନ୍ତି। ସେଥିପାଇଁ ଚୀନ୍‌ରେ ୩୧ ଡିସେମ୍ବର ଦିନ ଜୋତା ଦୋକାନମାନଙ୍କରେ ପ୍ରବଳ ଭିଡ ହୁଏ। ସ୍କଟଲାଣ୍ଡର ଲୋକେ ଆଗାମୀ ବର୍ଷକୁ ଭଲରେ କାଟିବା ପାଇଁ ଡିସେମ୍ବର ୩୧ ତାରିଖ ରାତିରେ ମଶାଲ ଜାଳି ରାତିସାରା ବୁଲିଥାଆନ୍ତି। ନିଆଁ ଜାଳିବା ଦ୍ୱାରା ଦୁଷ୍ଟ ଶକ୍ତି ନଷ୍ଟ ହୋଇଯାଏ ଓ ନବବର୍ଷଟି ସେମାନଙ୍କ ପାଇଁ ଶୁଭମୟ ହୋଇଯାଏ ବୋଲି ପରମ୍ପରା ରହିଛି। ବର୍ମାର ଲୋକମାନେ ନୂଆବର୍ଷ ଉପଲକ୍ଷେ 'ତିନାଜନ୍' ଉତ୍ସବ ପାଳନ କରନ୍ତି। ଭଗବାନ ବୁଦ୍ଧଙ୍କ ମୂର୍ତ୍ତିକୁ ଶୁଦ୍ଧ ଓ ପବିତ୍ର ଜଳରେ ସ୍ନାନ କରାନ୍ତି। ସେହି ପବିତ୍ର ଜଳକୁ ପୁରୁଷ ଓ ମହିଳାମାନେ ଦେହରେ ସିଞ୍ଚନ କରନ୍ତି। ନୂଆବର୍ଷ ପାଳନ ଅବସରରେ ଡେନମାର୍କର ଲୋକେ ପୁରୁଣା ପ୍ଲେଟ ଗୁଡିକୁ ପଡୋଶୀ ତଥା ନିକଟ ସମ୍ପର୍କୀୟଙ୍କ ଘର



ସମ୍ମୁଖରେ ଭାଙ୍ଗିଥାନ୍ତି।

ଭାରତରେ ପରମ୍ପରା ଦୃଷ୍ଟିରୁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଦିନ ନୂଆବର୍ଷ ପାଳନ କରାଯାଇଥାଏ। କିନ୍ତୁ ଆମ ଦେଶ ଗଣତନ୍ତ୍ର ରାଷ୍ଟ୍ର ହୋଇଥିବାରୁ ବିଶ୍ୱର ଅନ୍ୟଦେଶ ଭଳି ଜାନୁଆରୀ ୧ ତାରିଖକୁ ନୂଆବର୍ଷ ଭାବେ ମହାସମାରୋହରେ ପାଳନ କରାଯାଉଛି। ଡିସେମ୍ବର ୩୧ ମଧ୍ୟରାତ୍ରରୁ ମନୋରଞ୍ଜନ ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ନବବର୍ଷକୁ ସ୍ୱାଗତ କରାଯାଏ। ନୂଆବର୍ଷ ପୂର୍ବ ରାତ୍ରିରୁ ବିଭିନ୍ନ କ୍ଲବ ଏବଂ ହୋଟେଲମାନଙ୍କରେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ସବୁ ଅନୁଷ୍ଠିତ ହୁଏ। ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଭାରତୀୟମାନେ ବାଣ ଫୁଟାଇ ଏବଂ ବାଜା ବଜାଇ ଏହାକୁ ସ୍ୱାଗତ କରିଥାନ୍ତି। ନୂଆବର୍ଷ ଅବସରରେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ପାଇଁ ବେଶ୍ କିଛିଦିନ ପୂର୍ବରୁ ଏଥିନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ। ନୂଆବର୍ଷରେ ପ୍ରିୟଜନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଅଭିନନ୍ଦନ ପତ୍ର ପଠାଇବାର ପରମ୍ପରା ଅନେକ ଦିନରୁ ରହିଆସିଛି। ପ୍ରିୟଜନଙ୍କ ପ୍ରତି ଭଲପାଇବା ଓ ଆନ୍ତରିକତାର ପ୍ରତୀକ ହେଉଛି ଅଭିନନ୍ଦନ ପତ୍ର। ଅଭିନନ୍ଦନ ପତ୍ର ଆଦାନ ପ୍ରଦାନର ପରମ୍ପରା ପ୍ରଥମେ ଚୀନରେ ଆରମ୍ଭ ହୋଇଥିଲା। ପରେ



ଇଜିପ୍ଟର ଲୋକମାନେ 'ପାପରସ' ବୃକ୍ଷର ଛେଲିରେ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ଧରଣର କାଗଜରେ ନବବର୍ଷ ଅଭିନନ୍ଦନ ପତ୍ର ପ୍ରସ୍ତୁତ କରି ଆଦାନ ପ୍ରଦାନ କରୁଥିଲେ। ପନ୍ଦର ଶହ ଖ୍ରୀଷ୍ଟାବ୍ଦ ବେଳକୁ ୟୁରୋପରେ ଅଭିନନ୍ଦନ ପତ୍ରର ବହୁଳ ବ୍ୟବହାର ହେଲା। ମୁଦ୍ରଣ ଯନ୍ତ୍ରର ଉଦ୍ଭାବନ ଫଳରେ ଅଭିନନ୍ଦନ ପତ୍ରର ଡିଜାଇନରେ ଅନେକ ପରିବର୍ତ୍ତନ ଆସିଲା। ବ୍ୟବସାୟିକ ଭିତ୍ତିରେ ସମସ୍ତଙ୍କୁ ଆକର୍ଷିତ କରିବା ଭଳି ଅଭିନନ୍ଦନ ପତ୍ର ତିଆରି କରାଯାଉଛି। ବିଭିନ୍ନ ପ୍ରାକୃତିକ ଦୃଶ୍ୟ, ପଶୁପକ୍ଷୀ, ପୁଷ୍ପଗୁଚ୍ଛ, ଦେବାଦେବୀ, ଐତିହାସିକ ଚିତ୍ର, କାର୍ଟୁନ, ଚଳଚ୍ଚିତ୍ର ଅଭିନେତା ଓ ଅଭିନେତ୍ରୀଙ୍କ ଚିତ୍ରକୁ ଆଧାର କରି ପ୍ରସ୍ତୁତ ଅଭିନନ୍ଦନ ପତ୍ର ବଜାରରେ ଉପଲବ୍ଧ ହେଉଛି।

ଇଣ୍ଟରନେଟ୍ ଯୁଗ ଏବଂ ମୋବାଇଲ ଫୋନର ବ୍ୟବହାର ଫଳରେ ଏବେ ଅଭିନନ୍ଦନ ପତ୍ରର ସ୍ଥାନ ନେଇଛି ଏସ୍‌ଏମ୍‌ଏସ୍ ଏବଂ ମେଲ୍। ଏହାଦ୍ୱାରା ଖୁବ୍ କମ୍ ସମୟରେ ଆମେ ଆମର ପ୍ରିୟ ଲୋକଙ୍କୁ ଅଭିନନ୍ଦନ ଜଣାଇପାରୁଛୁ।

ସମ୍ପ୍ରତି ପ୍ରଗତି ଓ ସମୃଦ୍ଧିର ବିଶ୍ୱରେ ଆମେ ନୂତନ ବର୍ଷରେ ପଦାର୍ପଣ କରିଛୁ। ଆର୍ଥିକ ଉଦାରୀକରଣ ଯୁଗରେ ବିଶ୍ୱ ଏକ ମୁକ୍ତ ବଜାରରେ ପରିଣତ ହୋଇଯାଇଛି। ଔଦ୍ୟୋଗିକରଣ, ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ବିପ୍ଳବ, ଡିଜିଟାଲ ଇଣ୍ଡିଆ ଏବଂ ନଗଦରହିତ ଅର୍ଥନୀତି ଆଡକୁ ପାଦ ବଢ଼ାଇଛୁ। ହେଲେ ଆମେ ନିଜର ସଭ୍ୟତା, ସଂସ୍କୃତି, ସମାଜ ଓ ପରିବାରକୁ ଭୁଲିଯାଉଛୁ। ଭଙ୍ଗାଯାଇଥିବା ସମାଜ ନଷ୍ଟ ହୋଇଯାଉଥିବା ପରିବାରକୁ ସଜାଡିବା ପାଇଁ ଆମର କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି। ଆମ ଦେଶ ଦିନେ ଋଷିମୁନିଙ୍କ ଦେଶ ଭାବେ ପରିଗଣିତ ହୋଇଥିଲା। କିନ୍ତୁ ସମ୍ପ୍ରତି ଆମ ଯୁବସମାଜ ମାଦକ, ନିଶାଦ୍ରବ୍ୟ ଓ ଆଳସ୍ୟର ବଶବର୍ତ୍ତୀ ହୋଇ ସମାଜ ଓ ପରିବାର ପାଇଁ ବିପଦ ସୃଷ୍ଟି କରିଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ଦେଶରେ କ୍ଷୀର ଅପେକ୍ଷା ମଦ ଅଧିକ ବିକ୍ରି ହେଉଛି। ଏସବୁଥିରେ ଦେଶକୁ କିପରି ରକ୍ଷା କରିପାରିବା ସରକାରୀ ଏବଂ ବେସରକାରୀ ସ୍ତରରେ ଉଚିତ ପଦକ୍ଷେପ ନେବା ଉଚିତ। ଯେଉଁ ଦେଶ ଦିନେ 'ଜୟ ଯବାନ ଜୟ କିଶାନ' ନାରାରେ ପ୍ରତିଷ୍ଠିତ ଥିଲା, ସେଠି ବର୍ତ୍ତମାନ ଯବନ ଓ କୃଷକ ସବୁଠୁ ବେଶୀ ଦୁଃଖୀ, କଷ୍ଟ ଏବଂ ଅସମ୍ମାନ ପାଉଛନ୍ତି। ଯେଉଁ ବୀର ସୈନିକଙ୍କ ସାହାସିକତା ଓ ନିରବଚ୍ଛିନ୍ନ ସେବା ପାଇଁ କୋଟି କୋଟି ଜନତା ସୁଖନିଦ୍ରା ଯାଉଛନ୍ତି, ସେହିମାନେ ଆଜି ଅବହେଳିତ, ନିଷ୍ପେକ୍ଷିତ। କୃଷକଙ୍କ କଥା ଆହୁରି ଭୟାନକ। ଯେଉଁ କୃଷକ ଖରା, ବର୍ଷା, ଶୀତ, କାକରରେ ନିଜ ଜୀବନକୁ ବାଜି ଲଗାଇ ଆମ ପାଇଁ ଆହାର ସୃଷ୍ଟି କରୁଛି, ତା'କଥା ଭାବିବାକୁ କାହା ପାଖରେ ସମୟ ନାହିଁ। ପ୍ରାକୃତିକ ବିପର୍ଯ୍ୟୟର ତାଡନାରେ ପ୍ରତିବର୍ଷ ଆମ ଦେଶରେ ଅନେକ କୃଷକ ଆତ୍ମହତ୍ୟା ଭଳି ଜଘନ୍ୟ ମାର୍ଗକୁ ଆପଣାଇ ନେଉଛନ୍ତି। ସରକାରୀ ସ୍ତରରେ କୃଷକଙ୍କ ସୁରକ୍ଷା ପାଇଁ ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଦେଶର ପ୍ରଗତିରେ ଯୁବବର୍ଗଙ୍କ ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଦେଶରେ ବିଶାଳ ଯୁବଶକ୍ତି ମହଜୁଦ ରହିଛି। କିନ୍ତୁ ପରିତାପର ବିଷୟ କାହା ନିକଟରେ ଦେଶଭକ୍ତି ପରିଲକ୍ଷିତ ହେଉନାହିଁ। ଆମ ପାଇଁ ଏବେ ଏପରି ଏକ ପରିବର୍ତ୍ତନ ଓ କ୍ରାନ୍ତିର ଆବଶ୍ୟକତା ରହିଛି, ଯାହା ପାରିବାରିକ ଓ ସାମାଜିକ ଢାଞ୍ଚାକୁ ସୁଦୃଢ଼ କରିବ। ଏଥିପାଇଁ ଆମ ସମସ୍ତଙ୍କୁ ଏପରି ସ୍ୱପ୍ନ ଦେଖିବାକୁ, ଯିଏ ନୂଆବର୍ଷରେ ଆମକୁ ଶୋଇବାକୁ ଦେବ ନାହିଁ। ପୂର୍ବତନ ରାଷ୍ଟ୍ରପତି ତଥା ପ୍ରତିଷ୍ଠିତ ବୈଜ୍ଞାନିକ ଅବଦୁଲ କାଲାମଙ୍କ ଭାଷାରେ 'ସ୍ୱପ୍ନ ତାହା ନୁହେଁ ଯାହା ଆମେ ଶୋଇଥିବା ଅବସ୍ଥାରେ ଦେଖିଥାଉ, ବରଂ ସ୍ୱପ୍ନ ତାହା ଯାହା ଆମକୁ ଶୋଇବାକୁ ଦିଏନାହିଁ।' ସେଥିପାଇଁ ବର୍ତ୍ତମାନ ଆମକୁ ଏପରି ସ୍ୱପ୍ନ ଦେଖିବାକୁ ହେବ ଯାହା ଆଧୁନିକ ଓ ସାମ୍ୟସମାଜ ରାଷ୍ଟ୍ର ଗଠନ କରିବାରେ ସାହାଯ୍ୟ କରିବ।

ନୂଆବର୍ଷକୁ ଖାଲି ଲୋକ ଦେଖାଣିଆ ମଉଜ ମଜଲିସ କରି ବିତେଇବା ପରିବର୍ତ୍ତେ ରାଷ୍ଟ୍ର ହିତ ପାଇଁ କିଛି ନୂଆ ଆଶା, ନୂଆ ସ୍ୱପ୍ନ ଓ ନୂଆ ସଂକଳ୍ପ ନେଇ ସ୍ୱାଗତ କରିବା।





